**ସଂକ୍ଷେପରେ**

## ୧୮୮ କେଜି ଗଞ୍ଜେଇ ଜବତ, ୩ ଗିରଫ



ନନ୍ଦପୁର, ୧୩।୩ (ଡି.ଏନ.ଏ.)- କୋରାପୁଟ ଜିଲା ନନ୍ଦପୁର ଉପଖଣ୍ଡ ପୋଲିସ ଅଧୀନ ପାଡୁଆ ଓ ମାଛକୁଣ୍ଡ ପୋଲିସ ସୋମବାର ଦୁଇ ପୃଥକ ସ୍ଥାନରେ ଗଞ୍ଜେଇ ଧରପଗଡ କରି ୧୮୫ କେଜି ୧୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମହାରାଷ୍ଟ୍ର ପୁଣେ ଅଞ୍ଚଳର ଅବିନାଶ ଧୋବେ, ଶିବୁମ ବେନ୍ଦ୍ରେ ଓ ସାଗର ଭଣ୍ଡା। ସେମାନଙ୍କଠାରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଗୋଟିଏ ବାଇକ୍ ଜବତ ହୋଇଥିବା ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି। ପାଡୁଆ ଥାନା ଅନ୍ତର୍ଗତ ବାଲଡ଼ା ଏସଏଚ-୫୨ ରାସ୍ତାରେ ଅବିନାଶ, ଶିବୁମ ଓ ସାଗର ସ୍କୁଲବ୍ୟାଗ ଧରି ବିଶାଖାପାଟଣା ଯିବା ପାଇଁ ବସ୍ ଅପେକ୍ଷାରେ ଛିଡ଼ା ହୋଇଥିଲେ। ସନ୍ଦେହରେ ପାଡୁଆ ପୋଲିସ ସେମାନଙ୍କୁ ଯାଞ୍ଚ କରିଥିଲା। ଯାଞ୍ଚ ଦେଖି ଜଣେ ସହଯୋଗୀ ବାଇକ୍ ଛାଡ଼ି ଫେରାର ହୋଇ ଯାଇଥିଲେ। ଯାଞ୍ଚ ବେଳେ ୩ଟି ବ୍ୟାଗରୁ ୨୯ କିଲୋ ୬୦୦ ଗ୍ରାମ ଗଞ୍ଜେଇ ମିଳିଥିଲା। ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏହାର ତଦନ୍ତ ପାଡୁଆ ଏସ୍‌ଆଇ ପି.ଏନ. ଦଳପତି କରୁଛନ୍ତି। ସେହିଭଳି ମାଛକୁଣ୍ଡ ପୋଲିସ ନନ୍ଦପୁର ବ୍ଲକ ବିଲାପୁଟ ପଞ୍ଚାୟତର ଜବାଗଡ ଗ୍ରାମ ଜଙ୍ଗଲରେ ଚଢାଉ କରି ଚାଲାଣ ପାଇଁ ଗଛିତ ଥିବା ୧୫୯କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିଛି। ମାଛକୁଣ୍ଡ ଥାନା ଏସ୍‌ଆଇ ଡି.ବତ୍ରିଆ ଏହାର ତଦନ୍ତ କରୁଥିବା ଜଣାପଡିଛି।

## ଭାରତକୁ ହିନ୍ଦୁରାଷ୍ଟ୍ର ଘୋଷଣା ଦାବି କଲା ଓଡ଼ିଶା ସୁରକ୍ଷା ସେନା




ମାଲକାନଗିରି, ୧୩।୩ (ଡି.ଏନ୍.ଏ.)- ଓଡ଼ିଶା ସୁରକ୍ଷା ସେନା ପକ୍ଷରୁ ଭାରତକୁ ଶୀଘ୍ର ହିନ୍ଦୁ ରାଷ୍ଟ୍ର ଭାବେ ଘୋଷଣା କରିବା ପାଇଁ ସୋମବାର ଏକ ଖବରଦାତା ସମ୍ମିଳନୀରେ ଦାବି କରାଯାଇଛି। ସଙ୍ଗଠନର ରାଜ୍ୟ ସଭାପତି ଅଭିଷେକ ଯୋଶୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ସମ୍ମିଳନୀରେ ସେ କହିଛନ୍ତି, ଆମ ପବିତ୍ର ଶାସ୍ତ୍ର ଓ ପୁରାଣ ଅନୁଯାୟୀ ବ୍ରହ୍ମା ହେଉଛନ୍ତି ପ୍ରଥମ ଆର୍ଯ୍ୟ ଓ ହିନ୍ଦୁ ମୋହିନୀ ତନ୍ତ୍ର, କାଳିକା ପୁରାଣ, ଭବିଷ୍ୟ ପୁରାଣ, ବୃହସ୍ପତି ଆଗମ, ଋଗ୍‌ବେଦ ଆଦିରେ ବହୁ ପରିମାଣରେ ହିନ୍ଦୁ ଶବ୍ଦର ବ୍ୟବହାର ଦେଖିବାକୁ ମିଳିଥାଏ। ହିମାଳୟରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ବ୍ୟାପିଥିବାରୁ ଏହାକୁ ହିନ୍ଦୁସ୍ଥାନ କୁହାଯାଏ। ଭାରତ ହେଉଛି ଜ୍ଞାନର ସ୍ରୋତ ଯାହା ସନାତନ ଆର୍ଯ୍ୟଭୂମି ବେଶ୍ ପରିଚିତ। କାଳକ୍ରମେ ମୋଗଲ ଏବଂ ବ୍ରିଟିଶ୍ ମାନେ ଭାରତବର୍ଷରେ ୫୦୦ ବର୍ଷ ଶାସନ କରି ଏହି ହିନ୍ଦୁ ରାଷ୍ଟ୍ରକୁ ବିଭିନ୍ନ ଆଖ୍ୟା ଦେଇ ଅପଭ୍ରଷ୍ଟ କରିଛନ୍ତି। ଭାରତ ସରକାର ତାଙ୍କ ନଥିପତ୍ରରେ ଇଂରାଜୀରେ ଗଭର୍ନମେଣ୍ଟ ଅଫ୍ ଇଣ୍ଡିଆ ଲେଖୁଥିବା ବେଳେ ହିନ୍ଦୀ ଓ ଅନ୍ୟାନ୍ୟ ଭାଷାରେ ଏହା ଭାରତ ସରକାର ବୋଲି ଲେଖାଯାଉଛି। ଫଳରେ ଅଖଣ୍ଡ ଭାରତ ତାର ହିନ୍ଦୁରାଷ୍ଟ୍ରର ସଂଜ୍ଞା ନିରୂପଣରେ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ଭାରତ ବର୍ଷରେ ହିନ୍ଦୁମାନେ ବହୁଳ ଭାବେ ବସବାସ କରୁଥିବାରୁ ଏହି ଦେଶ ହିନ୍ଦୁ ରାଷ୍ଟ୍ର। ବିଶ୍ୱର ୮୦୦ କୋଟି ଜନସଂଖ୍ୟା ମଧ୍ୟରୁ କେବଳ ଭାରତରେ ୧୨୫ କୋଟିରୁ ଉର୍ଦ୍ଧ୍ୱ ହିନ୍ଦୁ ବସବାସ କରନ୍ତି। ଆଜି ବାଂଲାଦେଶ ଭଳି ରାଷ୍ଟ୍ରରେ ବସବାସ କରୁଥିବା ହିନ୍ଦୁମାନଙ୍କୁ ହତ୍ୟା କରାଯାଉଛି ନଚେତ୍ ତାଙ୍କ ଦେଶରୁ ବିତାଡିତ କରାଯାଉଛି। ଏହି ସଂଖ୍ୟା ସେଠାରେ ୩୫ ପ୍ରତିଶତରୁ ୫ ପ୍ରତିଶତକୁ ଖସି ଆସିଲାଣି। ପାକିସ୍ତାନରେ ହିନ୍ଦୁଙ୍କ ସଂଖ୍ୟା ୨୨ ପ୍ରତିଶତରୁ ଯଥେଷ୍ଟ କମିଗଲାଣି। ଏଭଳି ସ୍ଥିତିରେ ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କରିବା ଅପରିହାର୍ଯ୍ୟ ହୋଇପଡିଛି। ଏ ଦିଗରେ କେନ୍ଦ୍ର ଓ ରାଜ୍ୟ ଓ ସରକାରମାନେ ଚିନ୍ତା କରିବା ଉଚିତ୍ ବୋଲି ଯୋଶୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓଡିଶା ସୁରକ୍ଷା ସେନା ରାଜ୍ୟ ସାଧାରଣ ସମ୍ପାଦକ ସବ୍ୟସାଚୀ ଦାସ, ସମାଜିକ କର୍ମୀ ସୁଶାନ୍ତ ସାମଲ, ସନୁ ଅନୁଗୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜମିର ଉଚିତ କ୍ଷତିପୂରଣ ଦାବି କଲେ ଗ୍ରାମବାସୀ

**କୋରାପୁଟ, ୧୩।୩(ସ୍ୱ.ପ୍ର.)–**

■ ଜିଲାପାଳଙ୍କ ଅଭିଯୋଗ ଶୁଣାଣି
■ ଭାରତମାଳା ପ୍ରଭାବିତ ୩୦ ଖଣ୍ଡ ଗ୍ରାମବାସୀ ଏକାଠି ହୋଇଥିଲେ

କୋରାପୁଟ ସଦର ମହକୁମାରେ ସୋମବାର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଭାରତମାଳା ପ୍ରଭାବିତ ୩୦ ଖଣ୍ଡ ଗ୍ରାମର ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ସେମାନଙ୍କ ଜମିର ସଠିକ କ୍ଷତିପୂରଣ ଦାବି କରିଛନ୍ତି। ଭାରତମାଳା ଏକ୍ସପ୍ରେସ ହାଇୱେ ଦ୍ୱାରା ପ୍ରଭାବିତ ପ୍ରତ୍ୟେକ ଗ୍ରାମବାସୀ ଜିଲାପାଳ ଅବଦାଲ ଏମ. ଅଖତାରଙ୍କୁ ଭେଟି ସେମାନଙ୍କ ଜମିର ସଠିକ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ଅଭିଯୋଗପତ୍ର ପ୍ରଦାନ କରିଥିଲେ। ସମସ୍ତ ଅଭିଯୋଗପତ୍ର ପାଇବା ପରେ ଜିଲାପାଳ ଏହାର ଯାଞ୍ଚ ପାଇଁ ଉପଜିଲାପାଳ ବେଣୁଧର ଶବରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭାରତମାଳା ପ୍ରକଳ୍ପ ରାସ୍ତା ନେଇ ପଡୋଶୀ ରାଜ୍ୟର ଜମି


ଜନଶୁଣାଣିକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ

ମୂଲ୍ୟାୟନ ଅନୁସାରେ କ୍ଷତିପୂରଣ ପ୍ରଦାନ କରିବା, କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ସରକାରୀ ଚାକିରି ପ୍ରଦାନ କରିବା ଏବଂ ଧୂଳି ଉଡି ନଷ୍ଟ ହୋଇଯାଉଥିବା ଚାଷ ଜମିର ମୂଲ୍ୟାୟନ କରି କ୍ଷତିପୂରଣ ଦେବାକୁ ଗ୍ରାମବାସୀଙ୍କ ନେତୃତ୍ୱ ନେଇଥିବା ସାମାଜିକ କର୍ମୀ ପ୍ରଦୀପ୍ତ ଟାକ୍ରି କହିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ମିଳିଛି, ଏହାର ପୁନଃ ଯାଞ୍ଚ କରି ସମାଧାନ କରିବାକୁ ଚେଷ୍ଟା କରିବୁ ବୋଲି ଉପଜିଲପାଳ ଶବର ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଗତ ଫେବୃଆରୀ ମାସରେ ପ୍ରଭାବିତ ବ୍ୟକ୍ତିମାନେ ବାସପୁଟ ଗ୍ରାମଠାରେ ଆନ୍ଦୋଳନ କରି କାର୍ଯ୍ୟବନ୍ଦ କରିଥିଲେ । ପରେ ସେମାନଙ୍କ ସହ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ଆଲୋଚନା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ସେହିପରି ଆୟୋଜିତ ଏହି ଜିଲାସ୍ତରୀୟ ଶୁଣାଣରେ ଜିଲାର ବିଭିନ୍ନ ଅଞ୍ଚଳର ଗ୍ରାମବାସୀ ସେମାନଙ୍କ ନେଇ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଜନଶୁଣାଣିରେ ଏସ୍‌ପି ଅଭିନବ ସୋନକାର, ଉପଜିଲାପାଳଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ୫ଟି ସଚିବଙ୍କ ଗସ୍ତକୁ ନେଇ ଚାଲିଛି ପ୍ରସ୍ତୁତି

**ଝରିଗାଁ, ୧୩।୩(ସ୍ୱ.ପ୍ର.)**

**ବଦଳିବ ସତିଘାଟ ପ୍ରକଳ୍ପର ଭାଗ୍ୟ, ଉପକୃତ ହେବେ ଶହ ଶହ ଚାଷୀ**

ଆସନ୍ତା ସପ୍ତାହରେ ୫-ଟି ସଚିବ ଭି.କେ ପଣ୍ଡିଆନ ନବରଙ୍ଗପୁର ଗସ୍ତ କରି ଝରିଗାଁ ଗସ୍ତ କରିବେ। ୫-ଟି ସଚିବଙ୍କ ଗସ୍ତ ବେଳେ ହେଲିକପ୍ଟର ନିରାପଦ ଅବତରଣରୁ ଆରମ୍ଭ କରି ଗସ୍ତ କାର୍ଯ୍ୟକ୍ରମ କିଭଳି ସୁଚାରୁ ରୂପେ ହେବ ସେ ନେଇ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଜାର କରାଯାଇଛି। ସୋମବାର ଜିଲାପାଳ କମଳ ଲୋଚନ ମିଶ୍ର, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ଝରିଗାଁ ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମାଝି, ବିଡିଓ ସତ୍ୟ ନାରାୟଣ ମେହେର, ତହସିଲଦାର ମଧୁସୂଦନ ମାଝି, କାର୍ଯ୍ୟନିର୍ବାହୀ ଓ ବ୍ଲକର କନିଷ୍ଠ ଯନ୍ତ୍ରୀ ସେଠାକୁ ଯାଇ ସମସ୍ତ କାର୍ଯ୍ୟ ତଦାରଖ କରିଛନ୍ତି। ସୂଚନାନୁଯାୟୀ, ୨୦୦୨ରେ ପ୍ରଦୀପ ମାଝିଙ୍କ ନେତୃତ୍ୱରେ ସତୀଘାଟ ପ୍ରକଳ୍ପ ପାଇଁ ଏକ ରାଲି ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଗବାଗୁଡ଼ା ଗ୍ରାମରୁ ପ୍ରାୟ ୧୪ କିଲୋମିଟର ଦୂର ଚାଲି ଚାଲି ରାଲିରେ ଆସି ଝରିଗାଁ ବସଷ୍ଟାଣ୍ଡ ଠାରେ ଏକ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ହଜାର ହଜାର ଚାଷୀ ଯୋଗଦେଇ ଥିଲେ। ରାଜ୍ୟ ସରକାରଙ୍କୁ ସତୀଘାଟ ପ୍ରକଳ୍ପ ନିର୍ମାଣ ନେଇ ଚାଷ ପକାଇଥିଲେ। ଏହା ମଧ୍ୟରେ ୨୦ ବର୍ଷ ବିତିଯାଇଥିବା ବେଳେ ସତୀଘାଟ ପ୍ରକଳ୍ପ ପାଇଁ ପ୍ରଶାସନ ପକ୍ଷରୁ ମାତ୍ର ୨ଥର ସର୍ଭେ ହୋଇଛି। ସତିଘାଟ ପ୍ରକଳ୍ପ ନିର୍ମାଣ ହେଲେ ଝରିଗାଁ ସଦର, ଚଚା ସହିତ ପାଲିଆ,ବାଣୁଆଗୁଡା, ଫୁପୁଗାଁ, ଗୁରୁସିଙ୍ଗା, ଚକଲାପଦର, ଇଚ୍ଛାପୁର, କଟ୍ରିଛାପର, ବେଲଗାଁ, ଚିତାବେଡା ପଞ୍ଚାୟତର ପ୍ରାୟ ସାତ ହଜାର ଏକର ଜମି ଜଳସେଚିତ ହେବେ।

# ମାଓବାଦୀଙ୍କ ପରିଚୟ ଦେଇ ଧମକ ଦେଉଥିବା ବ୍ୟକ୍ତି ଗିରଫ

**ମାଲକାନଗିରି, ୧୩।୩(ଡି.ଏନ୍.ଏ.)**

■ ଜନସେବା କେନ୍ଦ୍ରରେ ଜମାକାରୀଙ୍କ ଅର୍ଥ ଆତ୍ମସାତ୍ ଅଭିଯୋଗ
■ ପୂର୍ବତନ ଜିଲାପାଳ ଭିନିଲ କ୍ରିଷ୍ଣାଙ୍କ ଅପହରଣରେ ଜଡିତ ଥିଲେ

ଜନସେବା କେନ୍ଦ୍ରରୁ ଚଞ୍ଚକତା କରି ଜମାକାରୀଙ୍କ ଅର୍ଥ ହଡ଼ପ କରି ଧରାପଡିବା ପରେ ସେମାନଙ୍କୁ ମାଓବାଦୀଙ୍କ ନାମରେ ଧମକଚମକ ଦେବା ଜଣେ ବ୍ୟକ୍ତିଙ୍କୁ ମହଙ୍ଗା ପଡିଛି। ତାଙ୍କୁ ମାଲକାନଗିରି ପୋଲିସ ସୋମବାର ଗିରଫ କରିଛି। ସେ ହେଉଛନ୍ତି ତପନ ଶାହା। ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଏସ୍‌ପି ନୀତୀଶ୍ ୱାଧ୍ୱାନି ସୂଚନା ଦେଇଛନ୍ତି।

ପ୍ରକାଶଯେ, ଗତ ନଭେମ୍ବର ୧୨ରେ ଚିତ୍ରକୋଣ୍ଡା ଥାନା ଜାନବାଇଠାରେ ଥିବା ଜନସେବା କେନ୍ଦ୍ରରେ ବଡପଦର, ରାଲେଗେଡା, ବଡ଼ପଡ଼ା ଓ ପାପରମେଟଲା ପଞ୍ଚାୟତ ଅଞ୍ଚଳର ଜନସାଧାରଣଙ୍କ ଜନସେବା କେନ୍ଦ୍ରରେ ଡିପୋଜିଟ୍ ହୋଇଥିବା ଟଙ୍କା ସେମାନଙ୍କ ଆକାଉଣ୍ଟରୁ ଗାଏବ ହୋଇଯାଉଥିବା ନେଇ ଏହି କେନ୍ଦ୍ର ଦାୟିତ୍ୱରେ ଥିବା ତରୁଣ ଶାହାଙ୍କ ନିକଟରେ ଜମାକାରୀମାନେ ଅଭିଯୋଗ କରିଥିଲେ। ହିତାଧିକାରୀଙ୍କ ଏହି ଜମା ଅର୍ଥକୁ ତରୁଣଙ୍କ ଦୁଇ ଭାଇ ତପନ ଓ ରତନ ଚଞ୍ଚକତା କରି ଉଠାଇ ନେଉଥିବା ଜଣାପଡିଥିଲା। ଏ ସମ୍ପର୍କରେ ତପନ ଓ ରତନ ଜାଣିବା ପରେ ସେମାନେ ଉପରୋକ୍ତ ପଞ୍ଚାୟତବାସୀଙ୍କୁ ଧମକଚମକ ଦେଇଥିଲେ। ଆମେ ମାଓବାଦୀଙ୍କ ସହ ଜଡିତ ଅଛୁ। ଆମ


ଗିରଫ ତପନ।

ସହିତ ମାଓବାଦୀ ନେତା ଅରୁଣା, ଉଦୟ ଓ ରାଜେଶ ଖୁବ୍ ପରିଚିତ। ଯଦି ତୁମେମାନେ ଆମକୁ ଏ ଟଙ୍କା ବିଷୟରେ ପଚାର କିମ୍ବା ଆମ ନାମରେ ଅଭିଯୋଗ କର, ତେବେ ଆମେ ମାଓବାଦୀଙ୍କୁ କହି ତୁମକୁ ହତ୍ୟା କରିବୁ ବୋଲି ଧମକ ଦେଇଥିଲେ। ଏଥିସହ ଏହି ଦୁଇ ଭାଇ ହନ୍ତାଳଗୁଡା ଗ୍ରାମକୁ ଯାଇଥିବା ରାସ୍ତାରେ ଥିବା ବିଦାରପାକନା ଗ୍ରାମରେ ଲ୍ୟାଣ୍ଡ ମାଇନ ପୋତିବା ଘଟଣାରେ ଦୁଇଭାଇଙ୍କ ସମ୍ପୃକ୍ତି ଥିବା, ମାଲକାନଗିରିର ପୂର୍ବତନ ଜିଲାପାଳ ଭିନିଲ କ୍ରିଷ୍ଣାଙ୍କୁ ଅପହରଣ କରିବାରେ ଆମଦୁହିଁଙ୍କ ହାତ ଥିଲା ବୋଲି କହି ଜମାକାରୀ ଓ ଗ୍ରାମବାସୀଙ୍କୁ ଧମକଚମକ ଦେଇଥିଲେ। ଏନେଇ ଗତ ନଭେମ୍ବର ୧୫ରେ ବଡପଦର ପଞ୍ଚାୟତ ପଣସଗନ୍ଧି ଗ୍ରାମର ସପ୍ନା ଖିଲ ପାପରମେଟଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଏହି ଦୁଇଭାଇ ତପନ ଓ ରତନ ମାଓବାଦୀଙ୍କ ସହ ମିଶିଥିବା, ପୂର୍ବତନ ଜିଲାପାଳଙ୍କୁ ଅପହରଣରେ ସାମିଲ ଥିବା ସ୍ପଷ୍ଟ ହୋଇଥିଲା। ପରେ ଏସ୍‌ପି ୱାଧ୍ୱାନିଙ୍କ ନିର୍ଦ୍ଦେଶରେ ଚିତ୍ରକୋଣ୍ଡା ଏସ୍‌ଡିପିଓ ଆଲେକ୍ସିୟସ କିସ୍ପୋଟାଙ୍କ ସହ ଡିବିଏଫ୍ ଯବାନଙ୍କୁ ନେଇ ଗଠିତ ଏକ ଟିମ୍ ଓଡ଼ିଶା-ଆନ୍ଧ୍ର ସୀମାନ୍ତ ଗାଜିବନ୍ଧ ଗ୍ରାମରୁ ତପନଙ୍କୁ ଗିରଫ କରିଛି। ରତନ ଗ୍ରାମରେ ନ ଥିବାରୁ ତାଙ୍କୁ ଧରାଯାଇପାରିନାହିଁ। ତାଙ୍କୁ ଧରିବା ଲାଗି ପୋଲିସ ତନାଘନା ଚଳାଇଛି। ସୂଚନାଯୋଗ୍ୟ, ଭିନିଲ କ୍ରିଷ୍ଣାଙ୍କ ଅପହରଣ ପରେ ସେତେବେଳେ ପୋଲିସ ତପନଙ୍କୁ ସନ୍ଦେହ କରି ଗିରଫ କରିଥିଲା। ସେ କିଛିବର୍ଷ ବିଚାରାଧୀନ ବନ୍ଦୀ ଭାବେ ମାଲକାନଗିରି ଜେଲରେ ଥିଲେ। ପରେ ଉଚ୍ଚ ନ୍ୟାୟାଳୟରୁ ଜାମିନରେ ଆସି ନିଜ ଘର ଜାନବାଇରେ ରହୁଥିଲେ।

## ୧୭ ଅଭିଯୋଗ ଶୁଣିଲେ ଜିଲାପାଳ

**ମାଥିଲି, ୧୩।୩ (ଡି.ଏନ.ଏ. )**

ସାମୂହିକ ସମସ୍ୟା ସହ ବ୍ୟକ୍ତିଗତ ଅଭିଯୋଗର ଶୁଣାଣି କଲେ ଜିଲାପାଳ। ମାଲକାନଗିରି ଜିଲା ମାଥିଲି ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳ ବିଶାଳ ସିଂ ୧୭ ଅଭିଯୋଗର ଶୁଣାଣି କରିଛନ୍ତି। ମାଥିଲି ବ୍ଲକ ଅଞ୍ଚଳର ବିଭିନ୍ନ ସାମୂହିକ ସମସ୍ୟା ନେଇ ଲୋକେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ସେଥି ମଧ୍ୟରେ ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ମିନି ଷ୍ଟାଡିୟମ ଆଦି ରହିଥିଲା। ସାମାଜିକ କର୍ମୀ ଦୀନବନ୍ଧୁ ନାୟକ ବ୍ଲକରେ ଥିବା ମିନି ଷ୍ଟାଡିୟମର ଗୋଟିଏ ପାର୍ଶ୍ୱର ଗ୍ୟାଲେରିକୁ ଭାଙ୍ଗି ଦିଆଯାଇଥିବା ଶୁଣାଣି ବେଳେ ଅଭିଯୋଗ କରିଥିଲେ। ପରେ ଜିଲାପାଳ ମିନି ଷ୍ଟାଡିୟମକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। କାହିଁକି, କେଉଁ କାରଣରୁ ଷ୍ଟାଡିୟମ ଭଙ୍ଗାଯାଇଛି। ଯଦି ଉନ୍ନତୀକରଣ ପାଇଁ ଭାଙ୍ଗିଛି କାମ ହେଉନି କାହିଁକି ବୋଲି ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପଚାରି ଥିଲେ। ଏହି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ଜିଲାପାଳ ଅକ୍ଷୟ ଖେମୁଣ୍ଡୁ , ପିଡି ଡିଆରଡିଏ ରତ୍ନାକର ସାହୁ, ବିଡିଓ ହୃଷୀକେଶ ଗଣ୍ଡଙ୍କ ସମେତ ସମସ୍ତ ବିଭାଗର ଅଧିକରୀମାନେ ଉପସ୍ଥିତ ଥିଲେ ।

# ୧୫ରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ


ଡ୍ରାଇଭରମାନେ ଦାବିପତ୍ର ଦେଉଛନ୍ତି।

**ନନ୍ଦପୁର, ୧୩।୩ (ଡି.ଏନ.ଏ.)**

ସରକାର ପ୍ରତିଶ୍ରୁତି ଦେଇ ସେମାନଙ୍କ ଦାବି ଏ ଯାଏ ପୂରଣ କରି ନ ଥିବାରୁ ନନ୍ଦପୁର ଡ୍ରାଇଭର ସଂଘ ଚଳିତ ମାସ ୧୫ ତାରିଖରୁ ଷ୍ଟିୟରିଂ ଛାଡ ଆନ୍ଦୋଳନ କରିବ। ଏଥିପାଇଁ ରାଜ୍ୟ ଡ୍ରାଇଭର ମହାସଂଘର ନିର୍ଦ୍ଦେଶରେ ପ୍ରସ୍ତୁତି ଚାଲିଛି। ସୋମବାର ନନ୍ଦପୁର ଏସଡିପିଓ ସଞ୍ଜୟ ମହାପାତ୍ର, ଅତିରିକ୍ତ ତହସିଲଦାର ସୀମାଞ୍ଚଳ ପାତ୍ର, ଥାନାଧିକାରୀ ପ୍ରଫୁଲ୍ଲ ଲାକ୍ରା, ଅଗ୍ନିଶମ ବିଭାଗ ଓଆଇସି ବାସୁଦେବ ଶବରଙ୍କୁ ଭେଟି ଦାବିପତ୍ର ଦେଇଥିବା ସଂଘ ସଭାପତି କେ. ବୀର ପ୍ରସାଦ ସୂଚନା ଦେଇଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ୧୦ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ୧୫ରେ ଡ୍ରାଇଭରମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ନିଜ ଗାଡ଼ି ଚଳାଚଳ ବନ୍ଦ କରି ରାସ୍ତାରେ ପ୍ରତିବାଦ କରିବେ। କେବଳ ଜରୁରିକାଳୀନ ସେବା ଯଥା ସ୍ୱାସ୍ଥ୍ୟ, ପୋଲିସ, ଅଗ୍ନିଶମ ଓ ପରୀକ୍ଷାର୍ଥୀଙ୍କ ପରିବହନ କରୁଥିବା ଗାଡ଼ିର ଚାଳକଙ୍କୁ କାର୍ଯ୍ୟ କରିବାକୁ ଦେବେ ବୋଲି ବୀରପ୍ରସାଦ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗଗନ ଖରା, କୈଳାସ ନାୟକ, ପୂର୍ଣ୍ଣ ହୋତା, ଟଙ୍କଧର ଗୁଣ୍ଟା, ମହେଶ୍ୱର ହନ୍ତାଳ, ସନ୍ୟାସୀ ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଡିଆର୍‌ସିଏସ୍ ଅଫିସ ଘେରିଲେ ଲ୍ୟାମ୍ପସ କର୍ମଚାରୀ

**ଜୟପୁର, ୧୩।୩(ନି.ପ୍ର.)**

**ଆଜିଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ**

ଅବିଭକ୍ତ କୋରାପୁଟ ଜିଲା ଲ୍ୟାମ୍ପସ କର୍ମଚାରୀ ସଂଘ ତରଫରୁ ୭ ଦଫା ଦାବି ନେଇ ସୋମବାର ଜୟପୁରସ୍ଥିତ ଡିଆର୍‌ସିଏସ ଅଫିସ ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମଙ୍ଗଳବାରଠାରୁ ଅବିଭକ୍ତ କୋରାପୁଟ ଜିଲାର ୫୫ଟି ଲ୍ୟାମ୍ପସରେ ୪ ଶହ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଜୟପୁର ଉପନିବନ୍ଧକଙ୍କ ଉଦ୍ଦେଶ୍ୟରେ ଏଆରସିଏସଙ୍କୁ ୭ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ଅବିଭକ୍ତ କୋରାପୁଟ ଜିଲାର ସମସ୍ତ ଲ୍ୟାମ୍ପସରେ କାର୍ଯ୍ୟରତ ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ କରିବା, କର୍ମଚାରୀଙ୍କ ନିମନ୍ତେ ସ୍ୱାସ୍ଥ୍ୟ ବୀମା ପାଞ୍ଚ ଲକ୍ଷ ଟଙ୍କା ଓ ଜୀବନ ବୀମା ୫ ଲକ୍ଷ ଲ୍ୟାମ୍ପସ କିମ୍ବା କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କର ଲାଭାଂଶରୁ ପ୍ରଦାନ କରିବା, କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କରେ ଖାଲି ପଡିଥିବା ପଦବୀ ଏଚଆର ପଲିସି ଆଧାରରେ ଶତକଡା ୩୦ ପ୍ରତିଶତ କର୍ମଚାରୀଙ୍କୁ ଅଗ୍ରାଧିକାର ଭିତ୍ତିରେ ପଦୋନ୍ନତି ଦେବା, କର୍ମଚାରୀମାନଙ୍କୁ ଷଷ୍ଠ ବେତନ ଆଧାରରେ ୧୯୬ ପ୍ରତିଶତ ମହଙ୍ଗା ଭତ୍ତା ତଥା ସପ୍ତମ ବେତନ ତୁରନ୍ତ ଲାଗୁ କରିବା ଆଦି ଦାବି ରହିଛି। ତୁରନ୍ତ ଦାବି ପୂରଣ ନହେଲେ ଋଣ ଲଗାଣ, ସାର ବିହନ ବଣ୍ଟନ, ଚାଷୀ ପଞ୍ଜୀକରଣ ଆଦି ଅନ୍‌ଲାଇନ କାର୍ଯ୍ୟ ବନ୍ଦ କରି ଦିଆଯିବ । ଏଥିରେ ସମିତି ତଥା ଚାଷୀଙ୍କର ଯାହା କ୍ଷତି ହେବ ସେଥିପାଇଁ ବିଭାଗୀୟ ଅଧିକାରୀ ଦାୟି ରହିବେ ବୋଲି କୁହାଯାଇଛି। ଦାବିପତ୍ରର ନକଲ ଜିଲାପାଳ, ଏସପି, ସମବାୟ ମନ୍ତ୍ରୀ, ଶ୍ରମ ସଚିବ, ୫-ଟି ସଚିବଙ୍କୁ ପ୍ରଦାନ କରାଯାଇଛି । ଏଆରସିଏସ ଦାବି ପତ୍ର ଗ୍ରହଣ କରି ୭ ଦିନ ସମୟ ମାଗିଛନ୍ତି। ବିକ୍ଷୋଭରେ ଅବିଭକ୍ତ କୋରାପୁଟ ଜିଲା ଲ୍ୟାମ୍ପସ କର୍ମଚାରୀ ସଂଘ ସଭାପତି ଦିଗାମ୍ବର ନାୟକ, ସାଧାରଣ ସମ୍ପାଦକ ପ୍ରଦିପ ମିଶ୍ର, ଉପ ସଭାପତି ଅଭିମନ୍ୟୁ ନାୟକ, ରିତେଶ ମିଶ୍ର, ଇସମାଇଲ ସାନଫୁଲ ପ୍ରମୁଖ ସାମିଲ ଥିଲେ।


ଧାରଣାରେ ବସିଥିବା କର୍ମଚାରୀ ।

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ୧୫ରୁ ଅନ୍ତର୍ଜାତୀୟ ସମ୍ମିଳନୀ

**କୋରାପୁଟ, ୧୩।୩(ସ୍ୱ.ପ୍ର.)**

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆସନ୍ତା ୧୫ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ୧୧ ଦିନିଆ ଏବଂ ୨୮ ଓ ୨୯ ତାରିଖ ଦୁଇ ଦିନ ଅନ୍ତର୍ଜାତୀୟ ସମ୍ମିଳନୀ ସୁନାବେଡ଼ାସ୍ଥିତ କ୍ୟାମ୍ପସରେ ହେବ। ବିଶ୍ୱବିଦ୍ୟାଳୟର ୪ଟି ଭାଷା ବିଭାଗ ଯଥା ଓଡ଼ିଆ, ହିନ୍ଦୀ, ସଂସ୍କୃତ ଓ ଇଂଲିଶ ଭାଷା ବିଭାଗ ଅଧୀନରେ ୪ଟି ଭିନ୍ନ ଭିନ୍ନ ବିଷୟରେ ଏହି ସମ୍ମିଳନୀ ଆୟୋଜନ କରାଯାଉଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଏହି ୫ଟି ସମ୍ମିଳନୀର ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଅଧିବେଶନରେ ଯୋଗ ଦେବା କାର୍ଯ୍ୟକ୍ରମ ରହିଛି । ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ହିନ୍ଦୀ ବିଭାଗ ପକ୍ଷରୁ 'ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ହିନ୍ଦୀର ସ୍ଥିତି ଓ ଦିଗ' ଶୀର୍ଷକ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ନେଦରଲାଣ୍ଡର ଡ. ପୁଷ୍ପିତା ଅବସ୍ଥିଙ୍କ ସମେତ ବିଦେଶର ବିଶିଷ୍ଟ ଭାଷା ପଣ୍ଡିତମାନେ ଯୋଗଦେବେ।

# କୁମୁଲିପୁଟରେ ଚାଷୀ ସମାବେଶ


ସମାବେଶରେ ଏକତ୍ରିତ ହୋଇଥିବା ଚାଷୀ।

**ଜୟପୁର, ୧୩।୩ (ନି.ପ୍ର.)–**

ଜୟପୁର ବ୍ଲକ ଅନ୍ତର୍ଗତ କୁମୁଲିପୁଟ ହାଟପଦାଠାରେ ସୋମବାର ଚାଷୀଙ୍କ ଏକ ସମାବେଶ ଅନୁଷ୍ଠିତ ହୋଇଛି । କୁମୁଲିପୁଟ ଲ୍ୟାମ୍ପସ ସଭାପତି ତ୍ରିନାଥ ମୁଦୁଲି ଓ ବାଲିଙ୍ଗି ରାଓଙ୍କ ନେତୃତ୍ୱରେ ଏହି ସମାବେଶ ହୋଇଥିଲା। ଉମୁରି ଲ୍ୟାମ୍ପ ଓ କୁମୁଲିପୁଟ ଲ୍ୟାମ୍ପ ସଭାପତି ଅଭିଯୋଗ କରିଛନ୍ତି ଯେ, ଏହି ଲ୍ୟାମ୍ପର ଚାଷୀଙ୍କ ନାମ ଗତ ଖରିଫ ଋତୁରେ ପଞ୍ଜୀକରଣ ହୋଇଥିଲା। ପରବର୍ତ୍ତୀ ସମୟରେ ବହୁ ଚାଷୀଙ୍କ ଜମି ପଞ୍ଜୀକରଣରୁ ନାମ ଏବଂ ଜମି କଟିଯାଇଥିଲା। ଫଳରେ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି କରିପାରି ନ ଥିଲେ। ଯେଉଁ ଚାଷୀଙ୍କ ଜମି ପଞ୍ଜୀକରଣରୁ କଟି ଯାଇଥିଲା, ସେହି ଜମିଗୁଡିକ ଡଙ୍ଗର ୧.୨.୩ କିସମ କେନାଲ ତଳେ ଥିଲା। କେନାଲ ଜଳ ବ୍ୟବହାର କରି ଚାଷୀ ଏଠାରେ ଧାନ ଚାଷ କରିଥିଲେ। କେନାଲ ଜଳ ବ୍ୟବହାର କରି ସେମାନେ ପ୍ରଶାସନକୁ ଜଳକର ମଧ୍ୟ ଦେଇଥିଲେ। ଏହା ସତ୍ତ୍ୱେ ଏଠାରୁ ଅମଳ ଧାନ ସେମାନେ ମଣ୍ଡିରେ ବିକ୍ରି କରିପାରି ନ ଥିଲେ। କେନାଲ ତଳେ ଥିବା ଡଙ୍ଗର ଜମିର ଧାନକୁ ଧାନ ଜମିର ସତ୍ତ୍ୱ ପରିବର୍ତ୍ତନ କରି ଆସନ୍ତା ରବି ମଣ୍ଡିରେ ଅମଳ ଧାନ ବିକ୍ରି ନେଇ ଅନୁମତି ଦେବାକୁ ପଦକ୍ଷେପ ନେବା ଲାଗି ପ୍ରଶାସନ ନିକଟରେ ଦାବି କରିବାକୁ ବୈଠକରେ ନିଷ୍ପତ୍ତି ହୋଇଛି ।

## ଦାବି ପୂରଣ ନ ହେଲେ ବିଶାଳ ଜନ ସମାବେଶ

**ମାଲକାନଗିରି, ୧୩।୩ (ଡି.ଏନ୍.ଏ.)**

ମାଲାକାନଗିରି ଅନୁସୂଚିତ ଜାତି ଓ ଜନଜାତି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୫ଦଫା ଦାବିପୂରଣ ନ ହେଲେ ଆଗାମୀ ଦିନରେ ବିଶାଳ ଜନସମାବେଶ କରାଯାଇ ପ୍ରତିବାଦ କରାଯିବ ବୋଲି କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି। ଆସନ୍ତା ମାସ ୧୧ରେ ୫୦ ହଜାର ଅନୁସୂଚିତ ଜାତି ଓ ଜନଜାତି ଲୋକମାନଙ୍କୁ ନେଇ ଏହି ପ୍ରତିବାଦ କରାଯିବ ବୋଲି ଏକ ଖବରଦାତା ସମ୍ମିଳନୀରେ କମିଟି ସଭାପତି ଜରା ଶବର ମାଡି, କମିଟି ଉପଦେଷ୍ଟା ପ୍ରଭାକର ହନ୍ତାଳ, କାର୍ଯ୍ୟକାରୀ ସଭାପତି ସନୁ ଅନୁଗୁ, ଉପସଭାପତି ଶ୍ରୀଷ୍ଟିଧର ହାଲଦାର, ସାଧାରଣ ସମ୍ପାଦକ ହରିବନ୍ଧୁ ଗଲୋରି, ଯୁଗ୍ମ ସମ୍ପାଦକ ସଚିନ ଦୋରା, ଦଶରଥ ତୁରୁକା, ଭଦ୍ର ଦୁରୁଆ ପ୍ରମୁଖ ପ୍ରକାଶ କରିଛନ୍ତି। ସେମାନଙ୍କ ଦାବିଗୁଡିକ ମଧ୍ୟରେ ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପଦୋନ୍ନତିରେ ଅଣଦେଖା କରାଯାଉଛି। ଏନେଇ ଥିବା ନୀତି ନିୟମକୁ ଉଲ୍ଲଂଘନ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ, ଜିଲାପାଳ,ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନି। ଚାଷୀମାନଙ୍କ ଅର୍ଥନୈତିକ ଉନ୍ନତି ପାଇଁ ସମସ୍ତ କୃଷିଜାତ ଓ ଲଘୁଜାତ ଦ୍ରବ୍ୟର ଏମ୍‌ଏସ୍‌ପି ଗ୍ୟାରେଣ୍ଟି ଆଇନ ପ୍ରଣୟନ କରିବା, ପୋଲାଭରମ ପ୍ରକଳ୍ପ ଦ୍ୱାରା ମାଲକାନଗିରି ଜିଲାର କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ ଉଚିତ କ୍ଷତିପୂରଣ ଓ ଥଇଥାନ କରିବା, ଜଳଭଣ୍ଡାର ପାଇଁ ଚିତ୍ରକୋଣ୍ଡା ବ୍ଲକର ବିସ୍ଥାପିତ ଲୋକଙ୍କୁ ଘରଡିହ ପଟ୍ଟା ପ୍ରଦାନ କରିବା, ଜିଲାରେ ବସବାସ କରୁଥିବା ସମସ୍ତ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବା, ଜିଲାରେ ପୁନର୍ବାର ଜମିର ରିସେଟେଲମେଣ୍ଟ କରିବା, ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀଛାତ୍ରଙ୍କୁ ତୁରନ୍ତ ଷ୍ଟାଇପେଣ୍ଡ ଦେବା, ଜିଲାର ଏକମାତ୍ର ବିଇଡି କଲେଜ କାର୍ଯ୍ୟକ୍ଷମ କରିବା ଆଦି ଦାବି ରହିଛି।

# ନିମ୍ନମାନର ରାସ୍ତା କାମ କରି ଅର୍ଥ ହଡପ ଅଭିଯୋଗ

**ମାଥିଲି, ୧୩।୩ (ଡି.ଏନ.ଏ.)**

■ ନିରପେକ୍ଷ ତଦନ୍ତ ଦାବି କଲେ ଗ୍ରାମବାସୀ
■ ହାତ ମାରିଦେଲେ ଉଠିଯାଉଛି ପିଚୁ, ଗୋଡ଼ି
■ ଅନିୟମିତତା ହୋଇଥିଲେ ମରାମତି ହେବ: ଯନ୍ତ୍ରୀ

ଗ୍ରାମକୁ ରାସ୍ତା ହେଲେ ଗ୍ରାମର ବିକାଶ ହେବ।ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ବହୁ କୋଟି ଅର୍ଥ ଖର୍ଚ୍ଚ କରୁଛନ୍ତି। ଜିଲା ପ୍ରଶାସନ ମଧ୍ୟ ଗ୍ରାମାଞ୍ଚଳର ବିକାଶ ଦିଗରେ ଗୁରୁତ୍ୱ ଦେଉଛନ୍ତି । ମାତ୍ର କେତେକ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁ ଲୋକେ ଏଥିରୁ ସୁଫଳ ପାଉନାହାନ୍ତି। ଏପରି ଦେଖିବାକୁ ମିଳିଛି ମାଲକାନଗିରି ଜିଲା ମାଥିଲି ବ୍ଲକ ପୂଜାରୀଗୁଡା ଗ୍ରାମରେ। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଗ୍ରାମରେ ହୋଇଥିବା ରାସ୍ତାକାମ ଅତି ନିମ୍ନମାନର ହୋଇଥିବା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ଯନ୍ତ୍ରୀ, ଠିକାଦାରଙ୍କ ସଲାସୁତରାରେ ଯେନତେନ ପ୍ରକାରେ କାମ କରି ଅର୍ଥ ହଡପ


ରାସ୍ତାରୁ ପିଚୁ ଉଠିଯାଉଥିବା ଗ୍ରାମବାସୀ ଦେଖାଉଛନ୍ତି।

କରାଯାଇଛି। ମାଥିଲି ବ୍ଲକ ଉଦୁଲିବାଡା ପଞ୍ଚାୟତର ପୂଜାରିଗୁଡା ଗ୍ରାମରେ ଜୟପୁର-ବାଲିମେଳା ଯାଇଥିବା ମୁଖ୍ୟ ରାସ୍ତାରୁ ପୂଜାରିଗୁଡ଼ା ଗ୍ରାମକୁ ରାସ୍ତା ନିର୍ମାଣ ହୋଇଛି । ମାତ୍ର ନିର୍ମାଣର ଦୁଇ ମାସ ନ ପୂରୁଣୁ ରାସ୍ତାରୁ ପିଚୁ ଉଠିଗଲାଣି। ରାସ୍ତା ଖାଲଖମାରେ ପରିଣତ ହେଲାଣି। ଲୋକେ ଯାତାୟାତ ସମୟରେ ସମସ୍ୟା ଭୋଗୁଛନ୍ତି। ବର୍ଷା ଦିନ ଆସିଲେ ଦୁର୍ଦ୍ଦଶା ବଳିପଡିବ ବୋଲି ଗ୍ରାମବାସୀ କହିଛନ୍ତି। କୌଣସି ଦିନ ନିର୍ମାଣ ସ୍ଥଳକୁ ନ ଯାଇ ଅଫିସରେ ବସି ବିଭାଗୀୟ ଯନ୍ତ୍ରୀ କାଗଜ ପତ୍ରରେ କାମ ତଦାରଖ କରୁଛନ୍ତି। ରାସ୍ତା କାମ ନେଇ ଯଦି ଲୋକେ ମୁହଁ ଖୋଲୁଛନ୍ତି ତେବେ ସେମାନଙ୍କୁ ଧମକଚମକ ମିଳୁଛି ବୋଲି କେତେ ଜଣ ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ କନିଷ୍ଠଯନ୍ତ୍ରୀ ରାଜେନ୍ଦ୍ର ମହାକୁଡଙ୍କୁ ପଚାରିବାରୁ ସେ କହିଲେ, ସ୍ପଟ ଉପରକୁ ଯାଇ ତଦାରଖ କରିବି। ଯଦି କିଛି ଅନିୟମିତତା ହୋଇଥିବ ତେବେ ତାହାକୁ ମରାମତି କରି କାର୍ଯ୍ୟ କରାଯିବ।

## ସଂକ୍ଷେପରେ

### ପାଣି ସମସ୍ୟାକୁ ନେଇ ବୈଠକ

ପାରଳାଖେମୁଣ୍ଡି,୧୩ା୩(ଡି.ଏନ୍.ଏ.)- ଗଜପତି ଜିଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଗୁମ୍ମା ବ୍ଲକର ଉଖୁରା ଗ୍ରାମପଞ୍ଚାୟତରେ ଲାଗି ରହିଥିବା ପାଣି ସମସ୍ୟା ଲାଗି ରହିଛି। ଏ ନେଇ ଉଖୁରା ଗ୍ରାମପଞ୍ଚାୟତର ସମ୍ମିଳନୀ କକ୍ଷଠାରେ ସରପଞ୍ଚ ଯିଶି ଗମାଙ୍ଗଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଞ୍ଚାୟତର ସମିତି ସଭ୍ୟା ଇସିନି ରଇତଙ୍କ ସମେତ ୱାର୍ଡ ମେମ୍ବରମାନେ ଉପସ୍ଥିତ ରହି ପାଣି ସମସ୍ୟାର ସମାଧାନ ପାଇଁ କ'ଣ କ'ଣ ପଦକ୍ଷେପ ନିଆଯିବ ତାକୁ ନେଇ ବିଚାର ହୋଇଥିଲା। ଏହାକୁ ନେଇ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛ।

### ବିପୁଳ ପରିମାଣର ମଦ ଜବତ

ପାରଳାଖେମୁଣ୍ଡି,୧୩ା୩(ଡି.ଏନ୍.ଏ.): ଗୋଷାଣୀ ବ୍ଲକ ଅନ୍ତର୍ଗତ ଗାରବନ୍ଧ ଓ ଗୁରାଣ୍ଡି ଥାନା ପକ୍ଷରୁ ପୃଥକ୍ ଭାବେ ଚଢ଼ାଉ କରାଯାଇ ରବିବାର ରାତିରେ ବିପୁଳ ପରିମାଣର ଚୋରା ବିଦେଶୀ ମଦ, ବିୟର ବୋତଲ ଆଦି ଜବତ କରାଯାଇଛି। ଗାରବନ୍ଧ ପୋଲିସ ଲାବଣ୍ୟଗଡ଼ ଏବଂ ଗାରବନ୍ଧ ଗ୍ରାମାଞ୍ଚଳର ୨ଟି ସ୍ଥାନରେ ଚୋରା ବିଦେଶୀ ମଦ କାରବାର ହେଉଥିବା ସ୍ଥାନରେ ଚଢ଼ାଉ କରିଥିଲା। ଏଥିରେ ମୋଟ ୧୮୭ଲିଟର ବିଦେଶୀ ମଦ ଜବତ କରାଯାଇଥିବା ବେଳେ ଗୋଟିଏ ବାଇକ ସହ ଜଣକୁ ଗିରଫ କରାଯାଇଛି। ଏ ନେଇ ଗାରବନ୍ଧ ଥାନାରେ ନଂ. ୧୩, ୧୪ ଓ ୧୫/୨୩ରେ ମାମଲା ରୁଜୁ ହୋଇଛି । ସେହିପରି ଗୁରାଣ୍ଡି ଥାନା ଅଞ୍ଚଳରେ ବ୍ୟାପକ ପରିମାଣର ଚୋରା ବିଦେଶୀ ମଦ ଓ ବିୟର ଚାଲାଣ ହେଉଥିବା ଖବର ପାଇ ଥାନା ଅଧିକାରୀ ରବୀନ୍ଦ୍ର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚଢ଼ାଉ କରାଯାଇଥିଲା। ଚଢାଉ ବେଳେ ମୋଟ ୧୦୩.୫ ଲିଟର ପରିମାଣର ମଦ କାଚ ଓ ବିୟର କାଚଗୁଡ଼ିକୁ ଜବତ କରାଯାଇଥିଲା । ଘଟଣାରେ ସମ୍ପୃକ୍ତ ଏସ୍. ଚିରଞ୍ଜିବିଲୁଙ୍କୁ ଗିରଫ କରାଯାଇଛି। ଏ ନେଇ ଗୁରାଣ୍ଡି ଥାନାରେ ନଂ. ୧୮/୨୩ ଏକ ଅବକାରୀ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି।

### ଆମ ପୋଲିସ ସମିତିର ସଚେତନତା

ଜଗନ୍ନାଥପ୍ରସାଦ,୧୩ା୩(ଡି.ଏନ.ଏ.): ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ ରାଉତି ଗ୍ରାମ ପଞ୍ଚାୟତ ଅଧିନସ୍ଥ ଚାରିକୋଣୀୟ ଗ୍ରାମରେ ଜଗନ୍ନାଥପ୍ରସାଦ ଆମ ପୋଲିସ ଓ ଗ୍ରାମ୍ୟ କମିଟିର ମିଳିତ ସହଯୋଗରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଥାନା ଅଧିକାରୀ ଦିଲ୍ଲୀପ କୁମାର ସ୍ୱାଇଁ, ଏସଆଇ ବାବୁଲାଲ ରାଉଳ, ପ୍ରଭାତ କୁମାର ସୁବୁଦ୍ଧି ଓ ସମ୍ମାନିତ ଅତିଥି ଆଞ୍ଚଳିକ କଲେଜ ଓଡ଼ିଆ ଅଧାପକ ଲୋକନାଥ ମହାନ୍ତି, ମୁଖ୍ୟବକ୍ତା ଜ୍ୟୋତିର୍ବିଦ ଅର୍ଣ୍ଣଦା ତ୍ରିପାଠୀ, ଅନ୍ୟାନ୍ୟ ଅତିଥି ଭାବେ ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ ସୂର୍ଯ୍ୟନାରାୟଣ ପ୍ରଧାନ, ସାମାଜିକ କର୍ମୀ ଚନ୍ଦ୍ରକେତୁ ରାଉତ, ବିଭୁ ପ୍ରସାଦ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ହୋଇ ଥିଲେ। ପ୍ରଥମେ ଆଇନଜୀବୀ ଶିଶିରକାନ୍ତ ତ୍ରିପାଠୀ ସଭା ପରିଚାଳନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଦନାର୍ଦ୍ଦନ ପ୍ରଧାନ, ନାରାୟଣ ନାୟକ, ସପନ ପ୍ରଧାନ, ମହେନ୍ଦ୍ର ରଣା, ସଞ୍ଜିତ ପ୍ରଧାନ, ରାଜ କୁମାର ପ୍ରଧାନ, ଦିଲ୍ଲୀପ କୁମାର ସାହୁ, ଦୀନବନ୍ଧୁ ସାହୁ, ପାଣୁ ଚରଣ ପ୍ରଧାନ, ସ୍ୱେଚ୍ଛାସେବୀ ସରୋଜ କୁମାର ନାୟକ, ସନାତନ ପ୍ରଧାନ, ବିଭୁତି ଭୂଷଣ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଉପଖଣ୍ଡ ମାନ୍ୟତାରୁ ବଞ୍ଚିତ ବିଷମକଟକ

**ବିଷମ କଟକ,୧୩ା୩(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ୨୧ଟି ପଞ୍ଚାୟତକୁ ନେଇ ଗଠିତ। ଜନସଂଖ୍ୟା ୯୨,୦୦୦ ହଜାରରୁ ଉର୍ଦ୍ଧ୍ୱ। ବ୍ଲକରେ ୩୧୫ରୁ ଉର୍ଦ୍ଧ୍ୱ ରାଜସ୍ୱ ଗାଁ ରହିଛି। ୧୯୫୩ରୁ ବିଷମକଟକ ତହସିଲ କର୍ଯ୍ୟାଳୟ ସ୍ଥାପିତ ହୋଇଛି। ଏହା ପୂର୍ବରୁ ଏହା ଅଞ୍ଚଳ କର୍ଯ୍ୟାଳୟ ହୋଇଥିଲା। ୨୦୦୯ରେ ବିଷମକଟକରୁ ମୁନିଗୁଡ଼ା ଓ ଚନ୍ଦ୍ରପୁରକୁ ବିଭକ୍ତ କରାଯାଇଥିଲା। ଏହାସତ୍ତ୍ୱେ ବିଷମକଟକ ତହସିଲ ଜିଲାରେ ଅଧିକ ରାଜସ୍ୱ ଦେଇ ଆସୁଛି। ହେଲେ ଏ ଯାଏ ଏହି ପୁରାତନ ସହରକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଉପଖଣ୍ଡ ମାନ୍ୟତା ମିଳି ପାରିନାହିଁ। ଏଠାରେ ସମସ୍ତ ଭିତ୍ତିଭୂମି ରହିଥିବାରୁ ୧୯୯୨ରୁ ବିଷମକଟକକୁ ଉପଖଣ୍ଡ ମାନ୍ୟତା ପାଇଁ ଦାବି ହୋଇ ଆସୁଥିଲେ ମଧ ସରକାର ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ତେଣୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଉପଖଣ୍ଡ ମାନ୍ୟତା ପ୍ରସଙ୍ଗ ନେଇ ସୋମବାର ସ୍ଥାନୀୟ ରାଜସ୍ୱ ବଙ୍ଗଳାଠାରେ ବିଭିନ୍ନ ସଂଗଠନ ଓ ରାଜନୈତିକ ନେତୃବୃନ୍ଦଙ୍କ ଉପସ୍ଥିତିରେ ଏକ ବୈଠକ ହୋଇଥିଲା। ଆସନ୍ତା ୧୭ ତାରିଖରେ ଏକ ବିଶାଳ ଶୋଭାଯାତ୍ରା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ରାୟଗଡା ସଦର ମହକୁମାଠାରୁ ୫୦ କି.ମି. ଦୂରରେ ରହିଛି ବିଷମକଟକ ସହର। ଏକାଦଶ, ଦ୍ୱାଦଶ ଖ୍ରୀଷ୍ଟାବ୍ଦର ଏହି ସହରରେ ପ୍ରଥମେ ରାଜା ମହାରାଜାଙ୍କ ରାଜୁତି ଚାଲିଥିଲା। ପରେ ଜୟପୁର ଜମିଦାରୀ ଅଧିନରେ ୮ପୁରୁଷ ଧରି ଥାଟରାଜାମାନେ ଶାସନ କରୁଥିଲେ। ୧୯୫୦ରେ ବିଷମକଟକ ପଞ୍ଚାୟତ ମାନ୍ୟତା ପାଇଥିଲା । ବର୍ତ୍ତମାନ ଏହି ପଞ୍ଚାୟତରେ ୧୫ଟି ୱାର୍ଡ ରହିଛି। ପଞ୍ଚାୟତର ଜନସଂଖ୍ୟା ୧୨ହଜାର ଟପିଲାଣି। ୧୯୬୨ରେ ବିଷମକଟକ ବ୍ଲକ ଗଠନ ହେଲା। ସେବେଠାରୁ ବିଷମକଟକ ବ୍ଲକ ସଦର ମହକୁମା ହୋଇଛି। ସହରରେ ରାଷ୍ଟ୍ରାୟତ ବ୍ୟାଙ୍କ, କୋର୍ଟ, ତହସିଲ ଅଫିସ, ସବରେଜିଷ୍ଟ୍ରର ଅଫିସ, ହାଇସ୍କୁଲ, ଡିଗ୍ରି କଲେଜ, ଶିକ୍ଷକ ପ୍ରଶିକ୍ଷଣ କଲେଜ ସମେତ ବ୍ରିଟିଶ ଅମଳରୁ ପୋଲିସ ଷ୍ଟେଶନ ଅଛି। ଜିଲାର ଚନ୍ଦ୍ରପୁର, ମୁନିଗୁଡା ଓ ଗୁଡାରୀ ବ୍ଲକର ଅନେକ ଅଞ୍ଚଳ ଲୋକ ବ୍ୟବସାୟ ବାଣିଜ୍ୟ ପାଇଁ ବିଷମକଟକ ଉପରେ ନିର୍ଭର କରିଥାନ୍ତି। ଐତିହାସିକ ପୃଷ୍ଠଭୂମି ଥିବା ଏହି ସହରର କଳେବର ବଢ଼ି ଚାଲିଥିବା ସତ୍ତ୍ୱେ ସରକାର ଏ ଯାଏ ଏହାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ଉପଖଣ୍ଡ ମାନ୍ୟତା ଦେଇନାହାନ୍ତି। ଏଥିଲାଗି ବିଭିନ୍ନ ସମୟରେ ଆନ୍ଦୋଳନ ହୋଇଛି। ହେଲେ କେବଳ ପ୍ରତିଶ୍ରୁତି ଛଡ଼ା କୌଣସି ପଦକ୍ଷେପ ନିଆଯାଇନାହିଁ।


ବୈଠକରେ ଆଲୋଚନା ଚାଲିଛି ।

**୧୭ରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯିବ ସ୍ମାରକପତ୍ର**

# ୧୧ କେଭି ତାର ସଂସ୍ପର୍ଶରେ ଆସି ଛାତ୍ର ଗୁରୁତର

**ଗୁଣପୁର,୧୩ା୩(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ପୌର ପରିଷଦ ଅଧୀନ ସୌରା ପ୍ରଧାନୀଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ସପ୍ତମ ଶ୍ରେଣୀ ଛାତ୍ର ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଛନ୍ତି। ସେ ହେଲେ ଚାନ୍ଦ୍ରେୟା ଶବର। ତାଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହାକୁ ନେଇ ଅଭିଭାବକ ତଥା ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଅବହେଳାରୁ ଏପରି ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ମଧ୍ୟାହ୍ନଭୋଜନ ବିରତି ସମୟରେ ଚାନ୍ଦ୍ରେୟା ନ କହି ପଳାଇଥିଲେ ବୋଲି ଶିକ୍ଷୟିତ୍ରୀଶିକ୍ଷକ ମାନେ ପ୍ରକାଶ କରିଛନ୍ତି। ପ୍ରକଶ ଯେ, ଚାନ୍ଦ୍ରେୟା ସ୍କୁଲ ନିକଟରେ ଥିବା ଏକ ଗଛରେ ଚଢ଼ିଥିବା ବେଳେ ଗଛ ଉପର ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ଲୋକେ ଏହା ଜାଣିବା ପରେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ।


ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଝୁଲି ରହିଥିବା ଛାତ୍ର ।

# ଚାଷୀଙ୍କ ଆକାଉଣ୍ଟରୁ ୧ଲକ୍ଷ ଲୁଟିନେଲେ ସାଇବର ଠକ

**ରାୟଗଡ଼ା,୧୩ା୩(ସ୍ୱ.ପ୍ର.)**

ରାଜ୍ୟରେ ସାଇବର ଅପରାଧୀ ସକ୍ରିୟ ଥିବାବେଳେ ଏବେ ରାୟଗଡ଼ା ଜିଲାକୁ ଟାର୍ଗେଟ କରିଛନ୍ତି। କେବଳ ଶିକ୍ଷିତ ଲୋକେ ନୁହେଁ ଜଣେ ସାଧରଣ ଚାଷୀ ମଧ ସେମାନଙ୍କ ଶିକାର ହୋଇଛନ୍ତି। ରାୟଗଡ଼ା ଥାନା ଅଞ୍ଚଳର ଏହି ଗରିବ ଚାଷୀଙ୍କ ଆକାଉଣ୍ଟରୁ ୩ଟି ପର୍ଯ୍ୟାୟରେ ୧ଲକ୍ଷ ଟଙ୍କା ଲୁଟି ନେଇଛନ୍ତି ସାଇବର ଅପରାଧୀ। ଟଙ୍କା ହରାଇଥିବା ଚାଷୀ ଜଣଙ୍କ ଏ ନେଇ ଥାନାରେ ଅଭିଯୋଗ କରିବାର ୮ଦିନ ବିତିଯାଇଥିଲେ ବି ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇନି । ତେଣୁ ସେ ସୋମବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ରାୟଗଡ଼ା ଥାନା ଅନ୍ତର୍ଗତ ହାଲୁଆ ଗ୍ରାମର କପା ଚାଷୀ ଚିନ୍ତାମଣି ଜାକାକାଙ୍କ ଆକାଉଣ୍ଟରୁ ସାଇବର ଅପରାଧୀ ୧ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଚିନ୍ତାମଣିଙ୍କ ୟୁନିଅନ ବ୍ୟାଙ୍କ ସଞ୍ଚୟ ଖାତାରେ ୫ ତାରିଖ ସୁଦ୍ଧା ୧ଲକ୍ଷ ୩୦୮ଟଙ୍କା ରହିଥିଲା । ୬ ତାରିଖରେ ତାଙ୍କ ବ୍ୟାଙ୍କ ଲିଙ୍କ ମୋବାଇଲ ଫୋନକୁ ଏକ ଫୋନ କଲ୍ ଆସିଥିଲା । ଉକ୍ତ ଫୋନ୍ ପରେ ତାଙ୍କ ଆକାଉଣ୍ଟରୁ ୩ଟି ପର୍ଯ୍ୟାୟରେ ୧ଲକ୍ଷ ଟଙ୍କା ଗାଏବ ହୋଇଯାଇଛି। ଚିନ୍ତାମଣିଙ୍କ ଆକାଉଣ୍ଟରେ ଫୋନ ପେ ୟୁପିଆଇ ମୋବାଇଲ ଆପ୍ ବ୍ୟବହାର ଶିଖାଇବା ଆଳରେ ଏହି ଲୁଟ ହୋଇଥିବା ସେ କହିଛନ୍ତି । ଫୋନ୍ କଲ ମାଧମରେ ଠକ ଜଣକ ଆଇଏମପିଏସ୍ ଟ୍ରାନ୍ସଫର ମାଧମରେ ୫୦ହଜାର, ୨୦ ହଜାର ଏବଂ ୩୦ହଜାର କରି ୩ ଥରରେ ଟଙ୍କା ନେଇଯାଇଛନ୍ତି। ଟଙ୍କା କଟିବା ମେସେଜ ଆସିବାରୁ ସେ ୟୁନିୟନ ବ୍ୟାଙ୍କ ଶାଖା କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କୁ ଏନେଇ ଥାନାରେ ଏତଲା ଦେବାକୁ କହିଥିଲେ । ଚିନ୍ତାମଣି ୬ତାରିଖରୁ ଥାନାରେ ଅଭିଯୋଗ କରିଥିଲେ ଏ ଯାଏ ଏଫଆଇଆର ପଞ୍ଜୀକରଣ ହୋଇ ନ ଥିବା ଜଣାପଡ଼ିଛି । ତେଣୁ ସେ ଏସପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ଅନୁପସ୍ଥିତିରେ ଡିଏସପି ଉଲାସ ମାଝି ଚିନ୍ତାମଣିଙ୍କ ଅଭିଯୋଗକୁ ରଖିବା ସହିତ ଏହାର ତଦନ୍ତ ପାଇଁ ଥାନାକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ତଦନ୍ତ ଅଧିକାରୀ ଏସଆଇ ସନ୍ଧ୍ୟାରାଣୀ ତିର୍କିଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଥିବା କହିଛନ୍ତି। ତେବେ ମାମଲା ରୁଜୁ ନ କରି ପୋଲିସ କେଉଁଭଳି ତଦନ୍ତ କରୁଛି ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ରାୟଗଡ଼ା ଥାନା ଆଇଆଇସି କେକେବିକେ କହିଁର ମଧ ମାମଲାର ତଦନ୍ତ ଚାଲିଥିବା କହିଛନ୍ତି।


ଏସ୍‌ପିଙ୍କୁ ଅଭିଯୋଗ ଜଣାଇବାକୁ ଆସିଥିବା ଚିନ୍ତାମଣି।

**ସପ୍ତାହକ ପରେ ବି ଏତଲା ପଞ୍ଜୀକୃତ ହେଲାନି**

## ବାଇକ୍-ଅଟୋ ମୁହାଁମୁହିଁ ଧକ୍କା, ଯୁବତୀ ଗୁରୁତର

**ଗୋପାଳପୁର,୧୩ା୩(ଡି.ଏନ.ଏ.):**

୧୬ ନଂ ଜାତୀୟ ରାଜପଥ ଗୋଳନ୍ଥରା ଥାନା ଅନ୍ତର୍ଗତ ରଣ୍ଡା ଛକ ଜାତୀୟ ରାଜପଥରେ ସୋମବାର ଏକ ବାଇକ୍ ସହ ଅଟୋ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଯୁବତୀ ଗୁରୁତର ହୋଇଛନ୍ତି। କନିଷ୍ଠି ନିକଟସ୍ଥ ଦାସପୁର ଗ୍ରାମର ପି.ସୋନି ଆଉ ଜଣେ ସମ୍ପର୍କୀୟ ମହିଳା କନିଷି ହାଟରୁ ଅଟୋ (ନଂ ଓଡ଼ି ୦୭ସି ୭୨୭୬) ଯୋଗେ ରଣ୍ଡା ଯାଉଥିବା ସମୟରେ ଅପର ପଟୁ ଏକ ବାଇକ୍ (ନଂ ଓଡି ୦୭ଏମ ୪୪୪୮)କୁ ଧକ୍କା ଦେଇଥିଲା। ଫଳରେ ଅଟୋଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଓଲଟି ପଡ଼ିଥିଲା। ଅଟୋରେ ବସିଥିବା ଦୁଇଜଣଙ୍କ ମଧ୍ୟରୁ ସୋନି ଅଟୋ ତଳେ ଚାପି ହୋଇଥିଲେ। ଦୁର୍ଘଟଣାସ୍ଥଳରେ ୧୦୮ ଆମ୍ବୁଲାନ୍ସ ପହଞ୍ଚିବା ବିଳମ୍ବ ହେତୁ କନିଷି ଅଗ୍ନିଶମ ବାହିନୀ ଆହତ ଯୁବତୀଙ୍କୁ ଉଦ୍ଧାର କରି ବ୍ରହ୍ମପୁର ଏମକେସିଜିରେ ଭର୍ତ୍ତି କରିଥିଲେ। ଗୋଳନ୍ଥରା ପୋଲିସ ପହଞ୍ଚି ଅଟୋ ଏବଂ ବାଇକ୍‌କୁ ଜବତ କରିବା ସହ ତଦନ୍ତ କରୁଥିବା ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

**ଜୟପୁର,୧୩ା୩(ନି.ପ୍ର.)**

ଜୟପୁର ବ୍ଲକ ଅନ୍ତର୍ଗତ ଅନ୍ତା ଠାରେ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜୟପୁର ଉପଜିଲାପାଳ ବେଦବର ପ୍ରଧାନ, ସହକାର ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ସରପଞ୍ଚ, ସମିତିସଭ୍ୟା, କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆରଏସ, ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ, ଉଦ୍ୟାନ ଓ କୃଷି ବିଭାଗ ସମେତ ଅନ୍ୟ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କିତ ଅଭିଯୋଗର ଶୁଣାଣି ହୋଇଥିଲା ।

## ନାଗରିକ ମଞ୍ଚ ପକ୍ଷରୁ ବସ୍ତ୍ର ବଣ୍ଟନ


ନାଗରିକ ମଞ୍ଚ ପକ୍ଷରୁ ବସ୍ତ୍ରଦାନ କରାଯାଉଛି।

**ରାୟଗଡ଼ା,୧୩ା୩(ସ୍ୱ.ପ୍ର.)**

ରାୟଗଡ଼ା ନାଗରିକ ମଞ୍ଚ ପକ୍ଷରୁ ଗୁମ୍ମା ପଞ୍ଚାୟତ ଲେଲିବାଡ଼ି ଗ୍ରାମରେ ବସ୍ତ୍ର ବଣ୍ଟନ କରାଯାଇଛି। ଏଥିରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ମୁଖ୍ୟ ଅତିଥି, ସ୍ଥାୟୀ ଲୋକ ଅଦାଲତ ସଭ୍ୟ ତଥା ପ୍ରାଧ୍ୟାପକ ଡ.ଦୁଷ୍ମନ୍ତ କୁମାର ମହାନ୍ତି, ଆଇନଜୀବୀ ଲାବଣ୍ୟମୋହନ ପଟ୍ଟନାୟକ, ସ୍ୱାସ୍ଥ୍ୟ ବିଶେଷଜ୍ଞ ଶଶିଭୂଷଣ ହୋତା, ଶ୍ରମିକ ନେତା ଯୋଗେଶ୍ୱର ଦାସ, ଜିସିଡ଼ି ୱାକର୍ସ କ୍ଲବ ସଭାପତି ଦୀପକ କୁମାର ପୃଷ୍ଟି, ଓଜେୟୁ ସଭାପତି ସୁବ୍ରତ ଚୌଧୁରୀ, ସୋସାଇଟି ଫର ଜଷ୍ଟିସ ଅଧକ୍ଷ ବାଦଲ କୁମାର ତା ପ୍ରମୁଖ ଯୋଗ ଦେଇଥିଲେ । ଲେଲିବାଡ଼ି ଗ୍ରାମର ଜାନି, ସାଉନ୍ତା, ଦିଶାରୀ, ପୂର୍ବତନ ୱାର୍ଡ଼ ମେମ୍ବରଙ୍କ ଦ୍ୱାରା ବସ୍ତ୍ରଦାନ କରାଯାଇଥିଲା । ବୃଦ୍ଧାମାନଙ୍କୁ ବେଡ଼ସିଟ୍, ଶାଢ଼ୀ ଓ କମ୍ବଳ ଆଦି ବଣ୍ଟାଯିବା ସହ ଦିବ୍ୟାଙ୍ଗ ଶିଶୁଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା । ରାୟଗଡ଼ା ନାଗରିକ ମଞ୍ଚର ଶୁଭେଚ୍ଛୁମାନଙ୍କ ଠାରୁ ମିଳିଥିବା ବସ୍ତ୍ର ଗ୍ରାମବାସୀଙ୍କ ସହମତିରେ ବିତରଣ କରାଯାଇଛି।

# ଉଗାଦି ଉତ୍ସବ ପାଳନ ଲାଗି ଗଡିଲା ପ୍ରଚାର ରଥ

**ରାୟଗଡା ଅଫିସ,୧୩ା୩**

ରାୟଗଡା ସହର ଆନ୍ଧ୍ର-ଓଡିଶା ସୀମାନ୍ତ ଅଞ୍ଚଳ ହୋଇଥିବାରୁ ଏଠାର ତେଲୁଗୁ ଭାଷାବାସୀମାନେ ସେମାନଙ୍କ ନବବର୍ଷ 'ଉଗାଦି' ଉତ୍ସବ ପାଳନ କରିଥାନ୍ତି। ଆସନ୍ତା ୨୨ ଓ ୨୩ ତାରିଖରେ ଉତ୍ସବ ପାଳନ ଲାଗି ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ଏହି ୨ ଦିନ 'ଉଗାଦି ମଞ୍ଚ' ଦୁଲକିବ । ଏହାର ପ୍ରଚାର ପ୍ରସାର ପାଇଁ ରାୟଗଡା ଜିଲା ଉଗାଦି ଉତ୍ସବ କମିଟି ପକ୍ଷରୁ ଏକ ରଥ ଗଡ଼ିବା ଆରମ୍ଭ କରିଛି। ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀ ମନ୍ଦିର ପ୍ରାଙ୍ଗଣରେ ପ୍ରଚାର ରଥ ପୂଜାର୍ଚ୍ଚନା ପରେ ଏହାକୁ ପୂର୍ବତନ ରାଜ୍ୟସଭା ସଦସ୍ୟ ଏନ.ଭାସ୍କର ରାଓଙ୍କ ପୁଅ ଏନ.କ୍ରିଷ୍ଣା ଚୈତନ୍ୟ ରଥ ଶୁଭାରମ୍ଭ କରିଥିଲେ। ଏଥିରେ କମିଟିର କୋଷାଧ୍ୟକ୍ଷ ଇପିଲି ସନ୍ନ୍ୟାସୀ ରାଜୁ, ପିଭିପି ରାମୁ, ବି.ତିରୁପତି, କିରଣ କୁମାର, ଜୟନ୍ତୀ ମହାରଣାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ । ମହାମାରୀ କରୋନା ଯୋଗୁ ଏହି ଉତ୍ସବ ବନ୍ଦ ରହିଥିବା ବେଳେ ଚଳିତବର୍ଷ ରାୟଗଡା ସହରର ସମସ୍ତ ତେଲୁଗୁ ସଂପ୍ରଦାୟର ଲୋକମାନେ ଏକାଠି ଏହାକୁ ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହାର ମଙ୍ଗ ଧରିଛନ୍ତି ପୂର୍ବତନ ରାଜ୍ୟସଭା ସଦସ୍ୟ ତଥା ଉଗାଦି ଉତ୍ସବ କମିଟି ସଭାପତି ଏନ.ଭାସ୍କର ରାଓ। ଚଳିତ ବର୍ଷ ସ୍ଥାନୀୟ ତେଜସ୍ୱୀ ହୋଟେଲ ସମ୍ମୁଖ ପଡିଆରେ ୨ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବ ନିମନ୍ତେ ମାର୍ଚ୍ଚ ୧୫ତାରିଖରେ ରଙ୍ଗୋଲି ଓ ମେହେନ୍ଦି,୧୬ରେ ପାରମ୍ପରିକ ଫ୍ୟାନ୍ସି ଡ୍ରେସ ଓ ୧୭ ତାରିଖରେ ବିଭିନ୍ନ ପ୍ରକାର ତେଲୁଗୁ ଖାଦ୍ୟ,ଗୋଟିଏ ମିନିଟ ସୋ ଏବଂ ଉଗାଦି କୁଇନ ଭଳି ପ୍ରତିଯୋଗିତା ହେବ ବୋଲି ସୂଚନା ମିଳିଛି । ଉଗାଦି ମଞ୍ଚରେ ତେଲୁଗୁ ଚଳଚ୍ଚିତ୍ର ଜଗତର ଅଭିନେତାଙ୍କ ସହ ହାସ୍ୟ କଳାକାରମାନେ ଯୋଗ ଦେଇ ରାୟଗଡାବାସୀଙ୍କ ମନୋରଞ୍ଜନ କରିବେ ବୋଲି କମିଟି ପକ୍ଷରୁ କୁହାଯାଇଛି ।



ଉଗାଦି ପ୍ରଚାର ପ୍ରସାର ଲାଗି ରଥ ଶୁଭାରମ୍ଭ କରାଯାଉଛି।

**ତେଲୁଗୁ ନବବର୍ଷରେ ୨ଦିନ ଦୁଲୁକିବ ଉଗାଦି ମଞ୍ଚ**

## ଆନ୍ତଃଜିଲା କ୍ରିକେଟ ଟିମ୍‌ରେ ଗାନ୍ଧୀ ପବ୍ଲିକ ସ୍କୁଲର ଛାତ୍ର

**ଗୁଣପୁର, ୧୩ା୩(ଡି.ଏନ୍.ଏ.)**

ରାୟଗଡା ଜିଲା ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲ ଏକାଦଶ ଶ୍ରେଣୀର ଛାତ୍ର ସିଦ୍ଧାର୍ଥ ପଟ୍ଟନାୟକ ଓଡ଼ିଶା କ୍ରିକେଟ ଏକାଡେମୀ (ଓସିଏ)ର ଆନ୍ତଃଜିଲା କଳାହାଣ୍ଡି କପ କ୍ରିକେଟ ଟୁର୍ନାମେଣ୍ଟରେ ଖେଳିବା ପାଇଁ ରାୟଗଡା ଜିଲା କ୍ରିକେଟ ପରିଷଦ ତରଫରୁ ମନୋନୀତ ହୋଇଛନ୍ତି। ଏହି ଟୁର୍ନାମେଣ୍ଟ ଆସନ୍ତା ୧୬ରୁ ଆରମ୍ଭ ହୋଇ ୨୧ତାରିଖରେ ଉଦଯାପିତ ହେବ। ଓଡ଼ିଶାର ସମସ୍ତ ଜିଲାରୁ ଖେଳାଳିମାନେ ଏହି ଏଥିରେ ଅଂଶଗ୍ରହଣ କରୁଛନ୍ତି । ସ୍କୁଲର ଅଧକ୍ଷ ସୁବ୍ରତ ରଞ୍ଜନ ପାଠୀ କହିଛନ୍ତି, ଛାତ୍ରଛାତ୍ରୀ ମାନଙ୍କର ସାମଗ୍ରିକ ବିକାଶ ପାଇଁ ବିଦ୍ୟାଳୟର ସବୁ କ୍ଷେତ୍ରରେ ପ୍ରୋତ୍ସାହନ ଯୋଗାଉଛି। ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ଼. ଜଗଦୀଶ ପଣ୍ଡା କହିଛନ୍ତି, ଛାତ୍ର ସିଦ୍ଧାର୍ଥ ବିଦ୍ୟାଳୟର ଅନ୍ୟ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇପାରିଛନ୍ତି। ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ଡ଼. ସତ୍ୟପ୍ରକାଶ ପଣ୍ଡା, ଉପସଭାପତି ଡ. ଚନ୍ଦ୍ରଧଜ ପଣ୍ଡା ଅଭିନନ୍ଦନ ଜଣାଇଛନ୍ତି ।


ସିଦ୍ଧାର୍ଥ ପଟ୍ଟନାୟକ

# ନାମଫଳକର ପ୍ରଥମ ଧାଡ଼ି ଓଡ଼ିଆରେ ଲେଖିବାକୁ ଦାବି

**କାଶୀନଗର,୧୩ା୩**

ମାର୍ଚ୍ଚ ୨୦୧୪ରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା। ମେ' ୨୦୧୬ରେ ଏହି ଭାଷାକୁ ସରକାରୀ ଭାଷା ରୂପେ ଓଡ଼ିଶା ସରକାର ଗ୍ରହଣ କଲେ। ୨୦୧୮ରେ ଏହି ଭାଷାର ବହୁଳ ବ୍ୟବହାର ପାଇଁ ପୁରସ୍କାର ଓ ଏହି ଭାଷା ବ୍ୟବହାର ପ୍ରତି ଅଙ୍ଗୀକାରବଦ୍ଧତାର ଅଭାବ ସକାଶେ ଦଣ୍ଡର ବ୍ୟବସ୍ଥା କରାଗଲା। ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ସଂଶୋଧନ ବିଲ୍ ୨୦୧୮ ବିଧାନସଭାରେ ଗୃହୀତ ହେବା ପରେ ଓଡ଼ିଶା ଭିତରେ ଥିବା ସବୁ ବ୍ୟବସାୟ ପ୍ରତିଷ୍ଠାନର ନାମଫଳକ ବାଧ୍ୟତାମୂଳକ ଭାବେ ଓଡ଼ିଆରେ ଲେଖାଯିବା ଉପରେ ସରକାର ଗୁରୁତ୍ୱାରୋପ କରିଥିଲେ। କେବଳ ସେତିକି ନୁହେଁ, କୁହାଗଲା ଯେ, ସରକାରୀ କର୍ମଚାରୀମାନେ ଓଡ଼ିଆ ଭାଷାରେ ଦାପ୍ତରିକ କାର୍ଯ୍ୟ କଲେ ଏଣିକି ସେମାନଙ୍କୁ ପୁରସ୍କାର ମିଳିବ। ନ କଲେ ସେମାନଙ୍କ ପ୍ରତି ଦଣ୍ଡବିଧାନ କରାଯିବ। ସବୁ କିନ୍ତୁ କାଗଜକଲମ ଭିତରେ ସୀମିତ ହୋଇ ରହିଗଲା। ପ୍ରାୟ ସମସ୍ତ ସରକାରୀ ଦପ୍ତରରେ ପୂର୍ବ ଭଳି ଏବେ ବି ଇଂଲିଶରେ ଚିଠିପତ୍ର କରାଯାଉଛି। ଓଡ଼ିଆ ବ୍ୟବହୃତ ହେଉଛି ନଗଣ୍ୟ କ୍ଷେତ୍ରରେ। କାଶୀନଗର ବ୍ଲକ ଓ ଏନ୍‌ଏସିର ସଂଖ୍ୟାଧିକ ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନର ନାମଫଳକରେ ଓଡ଼ିଆ ଭାଷାର ଚିହ୍ନବର୍ଣ୍ଣ ନାହିଁ। ଅଣଓଡ଼ିଆ ବା ଇଂଲିଶରେ ସେସବୁ ଲେଖାଯାଇଛି। ନବନିର୍ମିତ ଇନ୍‌ଡୋର ଷ୍ଟାଡିୟମ ନାମ ଫଳକର ପ୍ରଥମ ଧାଡ଼ି ବି ଲେଖାଯାଇଛି ବଡ଼ ବଡ଼ ଇଂଲିଶ ଅକ୍ଷରରେ। ତା' ତଳକୁ ଛୋଟ ଛୋଟ ଅକ୍ଷରରେ ଓଡ଼ିଆ ଲେଖା ରହିଛି। ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ରାଜ୍ୟ ସଭାପତି କବି ପ୍ରଶାନ୍ତ ମିଶ୍ର ଏ ପ୍ରସଙ୍ଗରେ କହିଛନ୍ତି, ଓଡ଼ିଆ ଭାଷା ଆଇନ ହୋଇଛି ସତ, କିନ୍ତୁ ତା'ର କଡ଼ାକଡ଼ି ଅନୁପାଳନ ଉପରେ ଗୁରୁତ୍ୱ ଦିଆଯାଇନାହିଁ। ସବୁ ସରକାରୀ, ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଓ ବ୍ୟବସାୟ ପ୍ରତିଷ୍ଠାନ ନାମଫଳକର ପ୍ରଥମ ଧାଡ଼ି ଯେପରି ଶୁଦ୍ଧ ଓ ସୁନ୍ଦର ଓଡ଼ିଆରେ ଲେଖାଯିବ ଓ ଦାପ୍ତରିକ ଚିଠିପତ୍ର ଓଡ଼ିଆରେ କରାଯିବ, ସେ ଦିଗରେ ନିଷ୍ଠାପର ଓ ଦୃଢ଼ ପଦକ୍ଷେପ ନେବାପାଇଁ ସେ ପ୍ରଶାସନ ନିକଟରେ ଦାବି ରଖିଛନ୍ତି ।



ଇଂଲିଶରେ ଲେଖାଯାଇଥିବା ନାମଫଳକ।

# ପ୍ରଧାନଶିକ୍ଷକଙ୍କୁ ଗିରଫ ଦାବି କଲା ଆଦିବାସୀ କନ୍ଧକୁଳ ପରିଷଦ

**ବିଦ୍ୟାଳୟ ସଭାପତିଙ୍କୁ ଜାତିଆଣ ଆକ୍ଷେପ**

**ମୁନିଗୁଡ଼ା,୧୩ା୩(ଡି.ଏନ୍.ଏ.)**

ରାୟଗଡା ଜିଲା ମୁନିଗୁଡା ଥାନା ଅନ୍ତର୍ଗତ ହାଟମୁନିଗୁଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଆଦିବାସୀ ଛାତ୍ରୀମାନଙ୍କ ପାଇଁ ଆସିଥିବା ଟଙ୍କାର ହିସାବ ପ୍ରଧାନ ଶିକ୍ଷକଙ୍କୁ ମାଗିବାରୁ ସେ ଗାଳିଗୁଲଜ କରିଛନ୍ତି। ତେଣୁ ତାଙ୍କୁ ଗିରଫ କରାଯାଉ ବୋଲି ଆଦିବାସୀ କନ୍ଧକୁଳ ପରିଷଦର ସଦସ୍ୟମାନେ ଏସଡିପିଓଙ୍କ ନିକଟରେ ଦାବି କରିଛନ୍ତି।

୫-ଟି ଅଧୀନରେ ହାଟମୁନିଗୁଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଆଦିବାସୀ ଛାତ୍ରୀମାନଙ୍କ ପାଇଁ ୩୯ ଲକ୍ଷ ଟଙ୍କା ଆସିଥିଲା। ଏହି ଟଙ୍କା କେଉଁ କାର୍ଯ୍ୟରେ ଖର୍ଚ୍ଚ କରାଯାଇଛି, ବିଦ୍ୟାଳୟ ସଭାପତି ତାହାର ବିବରଣୀ ମାଗିବାରୁ ପ୍ରଧାନଶିକ୍ଷକ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିବା ଅଭିଯୋଗ ହୋଇଥିଲା। ସଭାପତି ଅରକ୍ଷିତ ହିକକାଙ୍କ ଅଭିଯୋଗକ୍ରମେ ମୁନିଗୁଡା ଥାନାରେ ନଂ.୩୧/୨୩ରେ ମାମଲା ରୁଜୁ ହୋଇଥିଲା। ଏ ପର୍ଯ୍ୟନ୍ତ କାହିଁକି ପ୍ରଧାନଶିକ୍ଷକଙ୍କୁ ଗିରଫ କରାଯାଇନି ବୋଲି କନ୍ଧକୁଳ ପରିଷଦର ସଦସ୍ୟମାନେ ଏସଡିପିଓଙ୍କୁ ପଚାରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ପୂର୍ବରୁ ମଧ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଜାତିଆଣ ଆକ୍ଷେପ ନେଇ ଥାନାରେ ଅଭିଯୋଗ ହୋଇଥିଲାନ୍। ଏହି ସମସ୍ତ ଘଟଣାକୁ ନେଇ ଆଦିବାସୀ କନ୍ଧକୁଳ ଉନ୍ନୟନ ପରିଷଦର ବିଷ୍ଣୁ ହିକକା, ଜିତୁ ଜାକାଶିକା, ଶ୍ରୀପ୍ରତି ଉଲ୍ଲାକା, ସାମନାଥ ହିକକା, ସୁରେଶ ହିକକା, ଗୌତମ ଉଲ୍ଲାକା, ଜୟରାମ ହିକକା, ମାଝୀ ପିଡିକାକା, ସାରଥୀ ହୁଇକା, ଗୋପୀ ହୁଇକା, ପାଇକା ଜାକାକାଙ୍କ ସମେତ ବହୁ ସଦସ୍ୟ ଏସଡିପିଓ ଆକାଶ ଚନ୍ଦ୍ର ସାହୁଙ୍କୁ ଭେଟି ଆଲୋଚନା କରିଥିଲେ। ଘଟଣାର ତଦନ୍ତ ଚାଲୁ ରହିଛି, ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସଡିପିଓ ସାହୁ ପ୍ରକାଶ କରିଛନ୍ତି।


ଏସଡିପିଓଙ୍କୁ ଭେଟିବାକୁ ଆସିଥିବା ଲୋକେ।

## ସଂକ୍ଷେପରେ

ପୋଖରୀରେ ଗାଧୋଇଲା ବେଳେ ଗୋଡଖସି ଯାଇଥିଲା

### ପୋଖରୀରେ ବୁଡ଼ି ଗାଈ ଚରାଳି ମୃତ

ଡାବୁଗାଁ, ୧୩।୩ (ଡି.ଏନ୍. ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଘୋଡ଼ାଖୁଣ୍ଟା ଗ୍ରାମରେ ପୋଖରୀରେ ବୁଡ଼ି ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡାବୁଗାଁ ବ୍ଲକ ଅଧୀନ ଘୋଡ଼ାଖୁଣ୍ଟା ଗ୍ରାମର କାର୍ତ୍ତିକ ଶବର (୪୨)। ସୂଚନାନୁଯାୟୀ, କାର୍ତ୍ତିକ ଗାଈ ଚରାଇବାକୁ ଗ୍ରାମ ପାଖ ପଡ଼ିଆକୁ ଯାଇଥିଲେ। ଦିନ ପ୍ରାୟ ୧୨ଟାରେ ଗ୍ରାମ ପାଖରେ ଥିବା ପୋଖରୀରେ ଗାଧୋଉ ଥିବା ବେଳେ ଗୋଡ଼ ଖସିଯିବାରୁ ସେ ପାଣିରେ ବୁଡ଼ି ଯାଇଥିଲେ। ସେଠାରେ ଥିବା ଅନ୍ୟ ଗାଈ ଚରାଳିମାନେ ଏହା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପୋଖରୀରେ ଖୋଜାଖୋଜି କରିବାରୁ ଅପରାହ୍ନରେ କାର୍ତ୍ତିକ ମିଳିଥିଲେ। ଆମ୍ବୁଲାନ୍ସ ଯୋଗେ ଡାବୁଗାଁ ଡାକ୍ତରଖାନାରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର କାର୍ତ୍ତିକଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ବଡ଼ ଭାଇ ପ୍ରହ୍ଲାଦ ଡାବୁଗାଁ ଥାନାରେ ଏ ନେଇ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ସିଂସାରୀ ଫାଣ୍ଡି ଅଧିକାରୀ ଗୋପାଳ କୃଷ୍ଣ ହାଲୱା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମଙ୍ଗଳବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଏ ନେଇ ଥାନା କେସ୍ ନଂ. ୧୧/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

ନାବାଳିକାଙ୍କୁ ଅପହରଣ ଉଦ୍ୟମ ସମ୍ପର୍କିତ ମାମଲା

### ଦୋଷୀଙ୍କୁ ୫ ବର୍ଷ ସଶ୍ରମ କାରାଦଣ୍ଡ

ଜୟପୁର, ୧୩।୩ (ନି.ପ୍ର.)- ଜଣେ ନାବାଳିକାଙ୍କୁ ଅପହରଣ ଲାଗି ଉଦ୍ୟମ କରିବା ଏବଂ ତାଙ୍କୁ ଅଶାଳିନ ବ୍ୟବହାର ପ୍ରଦର୍ଶନ କରିବା ନେଇ ରୁଜୁ ମାମଲାର ଶୁଣାଣି ଜୟପୁର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ସୋମବାର କରିଛନ୍ତି। ଏଥିରେ ବୋରିଗୁମ୍ମା ଥାନା ଅଞ୍ଚଳର ସୁନାଧର ପୂଜାରି (୨୪)ଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୯ ହଜାର ଟଙ୍କା ଜରିମାନା କରିଛନ୍ତି। ଏହା ଅନାଦାୟ ହେଲେ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀରୁ ଜଣାପଡିଛି, ୨୦୨୧, ଅଗଷ୍ଟ ମାସରେ ନାବାଳିକା ଓ ତାଙ୍କ ପରିବାର ତାଙ୍କ ନବ ନିର୍ମିତ ଘରେ ଶୋଇଥିବା ବେଳେ ରାତିରେ ସୁନାଧର ଘରେ ପଶି ନାବାଳିକାଙ୍କୁ ଟେକି ନେଉଥିଲେ। ଏହି ସମୟରେ ନାବାଳିକାଙ୍କ ନିଦ ଭାଙ୍ଗିଯିବାରୁ ସେ ପାଟି କରିଥିଲେ। ପରିବାର ଲେକେ ଉଠିପଡି ସୁନାଧରଙ୍କୁ କାବୁ କରି ତାଙ୍କ କବଳରୁ ଝିଅକୁ ଉଦ୍ଧାର କରିଥିଲେ। ପରେ ତାଙ୍କୁ ନେଇ କୋଟପାଡ ଥାନା ଜିମା ଦେଇଥିଲେ। ପୋଲିସ ମାମଲା ରୁଜୁ କରି ସୁନାଧରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଏହି ମାମଲା ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ବିଚାରାଧୀନ ଥିଲା। ୮ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ଶୁଣାଣି କରିଛନ୍ତି। ମାମଲାକୁ ସରକାରୀ ଓକିଲ ବି. ଗାୟତ୍ରୀ ଦେବୀ ପରିଚାଳନା କରୁଥିଲେ।

# ରାତିରେ ମୋବାଇଲ ଆଲୁଅରେ ଚାଲିଛି ମୃତଦେହ ସତ୍କାର

- ଶ୍ମଶାନରେ ନାହିଁ ବିଜୁଳି ବ୍ୟବସ୍ଥା
- ବଢୁଛି ଅସନ୍ତୋଷ, ସମସ୍ୟା ସମାଧାନ ଦାବି

ଉମରକୋଟ, ୧୩।୩(ସ୍ୱ.ପ୍ର.)

ଉମରକୋଟ ପୌରାଞ୍ଚଳ ଅଧୀନ ୩ ନମ୍ବର ୱାର୍ଡରେ ଥିବା ଶ୍ମଶାନରେ ବିଜୁଳି ଆଲୁଅର ସୁବ୍ୟବସ୍ଥା କରାଯାଇନାହିଁ। ରାତ୍ରି ସମୟରେ ଅନ୍ଧକାର ପରିବେଶ ମଧ୍ୟରେ ମୃତଦେହ ସତ୍କାର କରିବାକୁ ପଡୁଛି। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ଆଲୋକ ଓ କାଠର ସମସ୍ୟା ରହିଛି ବୋଲି ପୂର୍ବରୁ କୁହାଯାଇଥିଲେ ମଧ୍ୟ କୌଣସି ସମାଧାନ ହୋଇନାହିଁ। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ରାଜନେତାମାନେ ସମସ୍ୟା ସମାଧାନ ଦିଗରେ ତତ୍ପରତା ଦେଖାଇଲେ ଭଲ ହୁଅନ୍ତା ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

ସୂଚନାନୁଯାୟୀ ରବିବାର ରାତିରେ ଗୁଳିପାଟଣା ସାହିର ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିଲା। ମୃତଦେହ ଉକ୍ତ ଶ୍ମଶାନକୁ ସଂସ୍କାର ପାଇଁ ନିଆଯାଇଥିଲା। କିନ୍ତୁ ସେଠାରେ ଲାଇଟ ନ ଥିବାରୁ ମୋବାଇଲ ଲାଇଟ ସହାୟତାରେ ମୃତଦେହ ସତ୍କାର କରାଯାଇଥିଲା। ଏପରି ଅଧିକାଂଶ ସମୟରେ ଘଟୁଛି। କେତେବେଳେ କାଠ ମିଳୁନାହିଁ ତ କେତେବେଳେ ବିଜୁଳି ଆଲୁଅର ସମସ୍ୟା ଲାଗିରହୁଛି। ସରକାର ମୃତଦେହ ସତ୍କାର ପାଇଁ କାଠ ଡିପୋ ମାଧ୍ୟମରେ ଲୋକଙ୍କୁ କାଠ ଯୋଗାଇବାର ବ୍ୟବସ୍ଥା କରିଛନ୍ତି। କିନ୍ତୁ ଏଠାକାର ଅଧିକାରୀମାନେ ହୋଟେଲ ବ୍ୟବସାୟୀଙ୍କୁ ଅଧିକ ଦରରେ କାଠ ବିକ୍ରି କରୁଥିବା ଅଭିଯୋଗ ହୋଇଛି। ସହରର ବିଜୁଳି ସମସ୍ୟା ସମାଧାନ ପାଇଁ ଇଇଏସ୍ଏଲ୍ ଓ ଗ୍ରୀନ୍ ଫିଲ୍ଡ ନାମକ ଦୁଇଟି ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଇଇଏସ୍ଏଲ୍ ସହର ମଧ୍ୟରେ ବିଜୁଳି ଆଲୁଅର ସୁବ୍ୟବସ୍ଥା ପାଇଁ ରହିଥିବା ବେଳେ ଗ୍ରୀନ୍ ଫିଲ୍ଡ ବିଜୁଳି ଯାଇ ନ ଥିବା ସ୍ଥାନଗୁଡ଼ିକରେ ନୂତନ ଭାବେ ସଂଯୋଗ କରିବାର ବ୍ୟବସ୍ଥା ରହିଛି। କିନ୍ତୁ ଉକ୍ତ ଦୁଇଟି ସଂସ୍ଥା ଦ୍ୱାରା ଲୋକେ କୌଣସି ସୁବିଧା ପାଇପାରୁ ନାହାନ୍ତି। ଶ୍ମଶାନରେ ଶବ ଦାହ ଯେଉଁ ସ୍ଥାନରେ କରାଯାଉଛି ସେହି ସ୍ଥାନରେ ପ୍ରାୟ ୧ ବର୍ଷରୁ ଊର୍ଦ୍ଧ୍ୱ ହେବ ବିଜୁଳି ଖମ୍ବ ଖଣ୍ଡିଏ ପୋତାଯାଇ ନାହିଁ। ଏ ନେଇ ଗ୍ରୀନ୍ ଫିଲ୍ଡ କାର୍ଯ୍ୟ ପର୍ଯ୍ୟବେକ୍ଷକ ରବି ବର୍ମାଙ୍କ ସହ ଯୋଗାଯୋଗ କରିବାରୁ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ପୌର ପରିଷଦର। ନିର୍ବାହୀ ଅଧିକାରୀ ଓ ପୌର ପରିଷଦର ଉପରିସ୍ଥ ଅଧିକାରୀ ଅନୁମୋଦନ ଦେଲେ ଆମେ କାର୍ଯ୍ୟ କରିବୁ। ଶ୍ମଶାନ କେଉଁ ଜାଗାରେ ଅଛି ଜାଣି ନାହିଁ । ଆମ ସଂସ୍ଥା ଗୋଟିଏ ପୌରସଂସ୍ଥା ପାଇଁ କାମ କରୁନାହିଁ। ଓଡ଼ିଶା ସାରା ସର୍ଭେ କାମ ଚାଲିଛି। ସରିଲେ କାମ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ଇଇଏସ୍ଏଲ୍ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସେ ତାହାର ଉତ୍ତର ଦେଇ ନ ଥିଲେ। ଏ ନେଇ ପୌରାଧ୍ୟକ୍ଷା ରାଧା ଭତ୍ରାଙ୍କୁ ପଚାରିବାରୁ ଆମେ ବିଦ୍ୟୁତ୍ ଯୋଗାଣ ପାଇଁ ସଂସ୍ଥାକୁ ଚିଠି କରିଛୁ। ସେମାନେ ଶୁଣୁ ନାହାନ୍ତି ବୋଲି ସେ କହିଛନ୍ତି। ନିର୍ବାହୀ ଅଧିକାରୀ ମଧ୍ୟ ସମାନ ଉତ୍ତର ଦେଇଛନ୍ତି। ଏ ନେଇ ପିଡି ଅନ୍ୟା ଦାସଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରି ଆଲୋକ ବ୍ୟବସ୍ଥା କରାଇବେ ବୋଲି ସେ କହିଛନ୍ତି।

## ତୃଣମୂଳସ୍ତରରୁ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ପରାମର୍ଶ



ବୈଠକରେ ମଞ୍ଚାସୀନ ଅତିଥିମାନେ।

### ଭିଜନ ନବରଙ୍ଗପୁରର ବୈଠକ

ନବରଙ୍ଗପୁର, ୧୩।୩(ବି.ପ୍ର.)

ଭିଜନ ନବରଙ୍ଗପୁରର ତୃତୀୟ ପର୍ଯ୍ୟାୟ ଆଲୋଚନା ସ୍ଥାନୀୟ ସାଇ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ସମସ୍ତ ବ୍ଲକର ସରପଞ୍ଚମାନେ ଯୋଗ ଦେଇଥିଲେ। ଜିଲାପାଳ ଡ. କମଳ ଲୋଚନ ମିଶ୍ର ଭିଜନ ନବରଙ୍ଗପୁର ଜିଲା ବିକାଶର ଏକ ଦୃଷ୍ଟିଭଙ୍ଗୀର ପ୍ଲାଟ୍‌ଫର୍ମ ବୋଲି କହିଥିଲେ। ଜିଲା ପ୍ରଶାସନ ଓ ସରପଞ୍ଚଙ୍କର ମିଳିତ ଉଦ୍ୟମରେ ବିକାଶ ହୋଇପାରିବ ବୋଲି ସେ କହିଥିଲେ। ସରପଞ୍ଚମାନେ ତୃଣମୂଳସ୍ତରରୁ ଆସିଛନ୍ତି। ସେମାନେ ସମସ୍ୟା ସମ୍ପର୍କରେ ସଚେତନ ଅଛନ୍ତି। ତେବେ ସମସ୍ୟାର ସମାଧାନ ଉପରେ ଧାରଣା ନାହିଁ। ଏଥିପ୍ରତି ଗୁରୁତ୍ୱ ଦେବାକୁ ଜିଲାପାଳ ମତ ରଖିଥିଲେ। ଲୋକଙ୍କର ସମସ୍ୟାର ସମାଧାନ ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଥିଲେ।

ଜିଲାର ବିକାଶର ଆଶା, ଚିନ୍ତାଧାରାର ସ୍ୱପ୍ନ ଭିଜନ ମାଧ୍ୟମରେ ପୂରା ହେବ ବୋଲି ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ କହିଛନ୍ତି। ଏଠାରେ ହେଲିପ୍ୟାଡ୍ ନିର୍ମାଣ ପାଇଁ ପ୍ରସ୍ତାବ ସହ ପର୍ଯ୍ୟଟନ ବିକାଶ ପାଇଁ ଉଦ୍ୟମ ଆରମ୍ଭ କରାଯାଉଛି ବୋଲି ସେ କହିଥିଲେ। ଉପଜିଲାପାଳ ପ୍ରଶାନ୍ତ ରାଉତ ଜିଲାରେ ବିକାଶ କାର୍ଯ୍ୟ ଚାଲିଛି ବୋଲି କହିଥିଲେ। କେରଳର ପ୍ରତି ପଞ୍ଚାୟତରୁ ବାର୍ଷିକ ୧୫କୋଟି ପର୍ଯ୍ୟନ୍ତ ଆଦାୟ କରାଯାଉଛି। ଏଭଳି ପଦକ୍ଷେପ ଏଠାରେ ସରପଞ୍ଚ ନିଅନ୍ତୁ ବୋଲି ସେ କହିଥିଲେ। ଜିଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି, ଅତିରିକ୍ତ ଏସ୍‌ପି ଡ.ଚନ୍ଦ୍ରଶେଖର ହୋତା ଉପସ୍ଥିତ ଥିଲେ। ଜିଲା ସରପଞ୍ଚ ସଂଘ ସଭାପତି ଜଳଧର ମାଝି ପଞ୍ଚାୟତରେ ଜିମ୍, ଗୋଶାଳା ଖୋଲିବା, ପ୍ରତ୍ୟେକ ଶ୍ମଶାନରେ ପାଚେରି, ଦୀପା ଯୋଜନା କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ଦେଇଥିଲେ। କୋଷଗୁମୁଡ଼ା ବିଡିଓ ସୁକାନ୍ତ ପଟ୍ଟନାୟକ ନିଜ ବ୍ଲକର ସଫଳତା ସମ୍ପର୍କରେ ଅବଗତ କରାଇଥିଲେ। ସରପଞ୍ଚମାନେ ଜିଲା ବିକାଶରେ ସହଭାଗୀ ହୋଇ କାମ କରୁଥିବା ଜିଲା ସରପଞ୍ଚ ସଂଘ ସମ୍ପାଦକ କୃଷ୍ଣଚନ୍ଦ୍ର ଭତରା କହିଥିଲେ। ଭିଜନ ସଂଯୋଜକ ବାଙ୍କବିହାରୀ ବିଷୋୟୀ ମଞ୍ଚ ପରିଚାଳନା କରିଥିଲେ। ସଂଯୋଜକ ରାମଚନ୍ଦ୍ର ଦଳେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଆବାହକ ବୀରେନ୍ଦ୍ର ନାୟକ ଧନ୍ୟବାଦ ଦେଇଥିଲେ।

## ଚୋରି ଘଟଣାର ଅଭିଯୁକ୍ତ ଗିରଫ

ସୁନାବେଡା, ୧୩।୩(ସ୍ୱ.ପ୍ର.)

ଏକ ଚୋରି ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ସୋମବାର ସୁନାବେଡା ପୋଲିସ ଗିରଫ କରିଛି। ସେ ହେଲେ ସେମିଳିଗୁଡା ଉପରସାହିର ସ୍ୱର୍ଗତ ପାତ୍ର ଟାକିରିଙ୍କ ପୁଅ ପେଟାର ଟାକିରି (୨୧)। ଗିରଫ ପରେ ତାଙ୍କ ନିକଟରୁ ଗୋଟିଏ ସୁନା ମୁଦି, ହଳେ କାନଫୁଲ, ଗୋଟିଏ ମଙ୍ଗଳସୂତ୍ର, ଗୋଟିଏ ଲାପ୍‌ଟପ ଜବତ ହୋଇଥିବା ଏକ ଖବରଦାତା ସମ୍ମିଳନୀରେ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ କହିଛନ୍ତି। ସେମିଳିଗୁଡାର ସତ୍ୟନଗରରେ ରହୁଥିବା ଡାକ୍ତର ସୁମନ ଟୋପ ଗତ ୨୭।୧୨।୨୨ରେ ସପରିବାର ନିଜ ଗାଁ ସମ୍ବଲପୁରକୁ ଯାଇଥିଲେ। ଏହାର ସୁଯୋଗ ନେଇ ପେଟାର ଓ ତାଙ୍କ ସହଯୋଗୀ ୩୦ତାରିଖ ରାତିରେ ଘର ତାଲା ଭାଙ୍ଗି ସୁନା ଅଳଙ୍କାର ସହ ଲାପ୍‌ଟପ ଚୋରି



କରି ନେଇଥିଲେ। ଡା. ସୁମନ ଏନେଇ ସୁନାବେଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏକ ମାମଲା ରୁଜୁ ହୋଇ ଏହାର ତଦନ୍ତ ଚାଲିଥିଲାବୋଲି ଥାନା ଅଧିକାରୀ ରାଉତ କହିଛନ୍ତି। ଖବରଦାତା ସମ୍ମିଳନୀରେ ଏସ.ଆଇ. ସଞ୍ଜୀବ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ବାଇକ୍-ଅଟୋ ମୁହାଁମୁହିଁ, ଯୁବତୀ ଗୁରୁତର

ଗୋପାଳପୁର, ୧୩।୩(ଡି.ଏନ.ଏ.)

ଗୋଳନ୍ଥରା ଥାନା ଅଧୀନ ରଣ୍ଡା ଛକରେ ଏକ ବାଇକ୍ ସହ ଅଟୋ ମୁହାଁମୁହିଁ ଧକ୍କା ହେବାରୁ ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ଦାସପୁର ଗ୍ରାମର ପି.ସୋନି ଅଟୋ ଯୋଗେ ରଣ୍ଡା ଯାଉଥିବା ସମୟରେ ଅପର ପଟୁ ଏକ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଅଟୋଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଓଲଟି ପଡ଼ିଥିଲା। ସୋନି ଅଟୋ ତଳେ ଚାପି ହୋଇଥିଲେ। ଦୁର୍ଘଟଣାସ୍ଥଳରେ ୧୦୮ ଅଗ୍ନିଶମ ବାହିନୀ ଆହତ ଯୁବତୀଙ୍କୁ ଉଦ୍ଧାର କରି ବ୍ରହ୍ମପୁର ଏମକେସିଜିରେ ଭର୍ତ୍ତି କରିଥିଲେ।

## ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଲେ ଜିଲାପାଳ

ଚନ୍ଦାହାଣ୍ଡି, ୧୩।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲାପାଳ ଡ. କମଳଲୋଚନ ମିଶ୍ର ସୋମବାର ଚନ୍ଦାହାଣ୍ଡିରେ ୩୭ଟି ଅଭିଯୋଗ ଶୁଣାଣି କରିଥିଲେ। ଏହି ସମୟରେ ନବରଙ୍ଗପୁର ଉପଜିଲାପାଳ ପ୍ରଶାନ୍ତ ରାଉତ, ଚନ୍ଦାହାଣ୍ଡି ତହସିଲଦାର ସ୍ନିଗ୍ଧାରାଣୀ ପଲେଇ, ବିଡିଓ ଧର୍ମରାଜ ମାଝି, ଚନ୍ଦାହାଣ୍ଡି ବ୍ଲକ ଅଧ୍ୟକ୍ଷା ସୁମିତ୍ରା ପୂଜାରୀ ଉପସ୍ଥିତ ଥିଲେ।

ବେହେରାମୁଣ୍ଡା ଗ୍ରାମର ନଥୁ ଖାନ ୨୦୧୪ରେ ଏକ ଗାଡ଼ି (ସିଜି–୦୪ଜେଡି –୫୦୧୦)ରେ ୩୨ କୁଇଣ୍ଟାଲ ଧାନ ନେଇ ବିକ୍ରି କରିବାକୁ ଯାଉଥିଲେ। ତତ୍କାଳୀନ ଯୋଗାଣ ନିରୀକ୍ଷକ ଏବଂ ଚନ୍ଦାହାଣ୍ଡି ପୋଲିସ ଧାନ ଗାଡି ଜବତ କରିଥିଲେ। ଜବତ ଗାଡି ମୁକ୍ତ ହୋଇଥିବାବେଳେ ଧାନ କିମ୍ବା ଟଙ୍କା ବର୍ତ୍ତମାନ ସୁଦ୍ଧା ମିଳିନାହିଁ ବୋଲି ନଥୁ ଅଭିଯୋଗ କରିଥିଲେ। ସମସ୍ୟା ସମାଧାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଚନ୍ଦାହାଣ୍ଡି ଗ୍ରାମବାସୀଙ୍କ ପାଇଁ ସାମୂହିକ ମଶାଣି ଗୃହ, ତଳ ସାହିକୁ ରାସ୍ତା, ଲ୍ୟାମ୍ପସ୍‌ରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଡ୍ରେନ, ପାନାବେଡା ହାଇସ୍କୁଲ ପାଚେରି ନିର୍ମାଣ କରିବାକୁ ସାମାଜିକ କର୍ମୀ କୃଷ୍ଣଚନ୍ଦ୍ର ପୂଜାରୀ ଏବଂ ଗ୍ରାମବାସୀ ଅଭିଯୋଗ କରିଥିଲେ। ଝରିଗାଁ ଚିକିଲିରୁ ବନ୍ଦକୋନା ପର୍ଯ୍ୟନ୍ତ ଆର୍‌ଡି ବିଭାଗ ଦ୍ୱାରା ନିର୍ମିତ ରାସ୍ତା ନିମ୍ନମାନର ଏବଂ ଅଳ୍ପଦିନରେ ଖରାପ ହୋଇଯାଇଛି ବୋଲି ସାମାଜିକ କର୍ମୀ ଡମ୍ବରୁ ମାଝି କହିଛନ୍ତି। ଚନ୍ଦାହାଣ୍ଡି ତହସିଲ କାର୍ଯ୍ୟାଳୟ ପକ୍ଷରୁ ଜମିପଟ୍ଟା ପ୍ରଦାନରେ ବିଳମ୍ବ ହେଉଛି ବୋଲି ଆଇନଜୀବୀ ମହମ୍ମଦ ହୁସେନ ଅଭିଯୋଗ କରିଥିଲେ। ନୂତନ ରାସନ କାର୍ଡ ପ୍ରଦାନ କରିବାରେ ବିଳମ୍ବ ହେଉଥିବା ନେଇ ସରପଞ୍ଚ ସଂଘ ଅଭିଯୋଗ କରିବା ପରେ ଜିଲାପାଳ ମିଶ୍ର ଯୋଗାଣ ନିରୀକ୍ଷକ ଦେବେନ୍ଦ୍ର ସେଠିଆଙ୍କୁ ଏହାର କାରଣ ପଚାରିଥିଲେ। ତୁରନ୍ତ ଏହି ସମସ୍ୟାର ସମାଧାନ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ।

## ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଉଛନ୍ତି ବତୀ


ପରୀକ୍ଷା କେନ୍ଦ୍ରରେ ବତୀ ଓ ସହାୟକ ମନୋରମା।

ନବରଙ୍ଗପୁର, ୧୩।୩(ବି.ପ୍ର.)

ଇଚ୍ଛା ଥିଲେ ସୁଯୋଗ ଆପେ ଆପେ ଆସେ। ପାଠ ପଢି ଉଚ୍ଚ ଶିକ୍ଷିତ ହେବାର ସ୍ୱପ୍ନ ଦେଖିଛନ୍ତି ଦିବ୍ୟାଙ୍ଗ ବତୀ ଜାନୀ। ସେ ଏବେ ଏହାର ପ୍ରଥମ ସୋପାନ ଚଢୁଛନ୍ତି। ବତୀ ଚଳିତ ବର୍ଷ ଜଣେ ସହାୟକଙ୍କ ମାଧ୍ୟମରେ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ଦେଉଛନ୍ତି। ମିଳୁଥିବା ସୁବିଧାକୁ ହାତଛଡ଼ା ନ କରି ଏହାର ଫାଇଦା ଉଠାଇ ନିଜ ଲକ୍ଷ୍ୟ ଦିଗରେ ଅଗ୍ରସର ହେବାକୁ ବତୀ ପରାମର୍ଶ ଦେଇଛନ୍ତି।

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ମଝିଗୁଡା ପଞ୍ଚାୟତ ଅଧୀନ ପଡ଼ାଲଗୁଡ଼ା ସରକାରୀ ୟୁ.ଜି.ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ବତୀ ଜାନୀ। ସେ ଚାଲିପାରନ୍ତି ନାହିଁ କିମ୍ବା ଡାହାଣ ହାତରେ କୌଣସି କାମ କରିପାରନ୍ତି ନାହିଁ। ଦିବ୍ୟାଙ୍ଗ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ସମୟରେ ଲେଖିବା ପାଇଁ ଅନ୍ୟର ସହାୟତା ନେଇପାରିବେ ବୋଲି ସରକାରୀ ନିୟମ ରହିଛି। ଏହାକୁ ଦୃଷ୍ଟିରେ ରଖି ଫର୍ମ ଫିଲପ୍ ବେଳେ ବତୀ ୯ମ ଶ୍ରେଣୀ ଛାତ୍ରୀ ମନୋରମା ଗୌଡ଼ଙ୍କ ନାମ ସହାୟତା ପାଇଁ ଦେଇଥିଲେ। ଏହାର ଅନୁମତି ମଧ୍ୟ ବୋର୍ଡ ଅଫ ସେକେଣ୍ଡାରୀ ଏଡୁକେଶନ ପକ୍ଷରୁ ମିଳିଥିଲା। ବତୀ ଏବେ ନବରଙ୍ଗପୁର ଆର୍‌ସିଡି ନୋଡାଲ ହାଇସ୍କୁଲରେ ମାଟ୍ରିକ୍ ପରୀକ୍ଷା ଦେଉଛନ୍ତି। ୧୦ ତାରିଖ ଦିନ ଓଡ଼ିଆ ଓ ୧୩ ତାରିଖ ସୋମବାର ଇଂରାଜୀ ପରୀକ୍ଷା ଦେଇଛନ୍ତି। ତେବେ ଦିବ୍ୟାଙ୍ଗଙ୍କ ପାଇଁ ଯେଉଁ ସରକାରୀ ସୁବିଧା ରହିଛି, ତାହାକୁ ହାତଛଡା ନ କରି ଏହାର ଲାଭ ଉଠାଇବାକୁ ସେ ପରାମର୍ଶ ଦେଉଛନ୍ତି।

## ଜୟପୁରକୁ ହରାଇ ଅନୁଗୁଳ ଚାମ୍ପିୟନ

### ଆନ୍ତଃରାଜ୍ୟ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ

ତେନ୍ତୁଳିଖୁଣ୍ଟି, ୧୩।୩(ଡି.ଏନ୍.ଏ.)



ବିଜୟୀ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ୯ ତାରିଖରୁ ଆରମ୍ଭ ହୋଇଥିବା ଆନ୍ତଃରାଜ୍ୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ରବିବାର ଶେଷ ହୋଇଛି। ଉଦ୍‌ଯାପନୀ ଦିବସରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ ମୁଖ୍ୟ ଅତିଥି ଓ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ଜିଲା ପରିଷଦ ଚେୟାରମ୍ୟାନ ମୋତିରାମ ନାୟକ, ଜିଲା ଆଥଲେଟିକ ସଂଘର ପ୍ରହ୍ଲାଦ ତ୍ରିପାଠୀ, ଜିଲା ଓୟୁଜେ ସଭାପତି ତଥା ପାପଡାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ବିଡିଓ ଦୁର୍ଯ୍ୟୋଧନ ଭୋଇ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଅନୁଗୁଳ ଓ ଜୟପୁର ଦଳ ଫାଇନାଲରେ ପରସ୍ପରକୁ ଭେଟିଥିଲେ। ଏଥିରେ ଅନୁଗୁଳ ଦଳ ବିଜୟୀ ହୋଇଛି। ଟୁର୍ଣ୍ଣାମେଣ୍ଟ୍ ଆୟୋଜନ କମିଟି ର ସଭାପତି ଡାକ୍ତର ସମଲାଇ ପ୍ରସାଦ ପଣ୍ଡାଙ୍କ ଅଧ୍ୟକ୍ଷତାରେ ପୁରସ୍କାର ବିତରଣ ଉତ୍ସବ ଆୟୋଜିତ ହୋଇଥିଲା। ବିଜୟୀ ଦଳକୁ ଅତିରିକ୍ତ ଜିଲାପାଳ ଟ୍ରଫି ସହ ୧୫ହଜାର ୫୫୫ ଟଙ୍କା ଓ ରନର୍ସ ଅପ୍ ଦଳକୁ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଟ୍ରଫି ସହ ୧୧ହଜାର ୧୧୧ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଛନ୍ତି। ସ୍ୱାଧୀନ ପୂଜାରୀ, ସୁରଜ ମହାରଣା, କପିଳ ଅଗ୍ରୱାଲ ଖେଳ ପରିଚାଳନା କରିଥିଲେ। ଡାକ୍ତର ସଚ୍ଚିକାନ୍ତ ଲେଙ୍କା, ପ୍ରଦୀପ ଦାସ, ସନ୍ତୋଷ ବରାଡ, ପ୍ରଦ୍ୟୁମ୍ନ ଦାସ, ବାରିଜ ପଟ୍ଟନାୟକ, ହାନେଶ ପାତ୍ର ବାଘ ସମେତ ସ୍ମାଟନ କ୍ଲବ ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଜୟପୁର, ୧୩।୩(ନି.ପ୍ର.)

ଜୟପୁର ବ୍ଲକ ଅନ୍ତର୍ଗତ ଅନ୍ତା ଠାରେ ପଞ୍ଚାୟତସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜୟପୁର ଉପଜିଲାପାଳ ବେଦବର ପ୍ରଧାନ, ସହକାର ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ସରପଞ୍ଚ, ସମିତିସଭ୍ୟା, କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆରଏସ, ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ, ଉଦ୍ୟାନ ଓ କୃଷି ବିଭାଗ ସମେତ ଅନ୍ୟ ଲାଇନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କିତ ଅଭିଯୋଗର ଶୁଣାଣି ହୋଇଥିଲା ।

# ସିଫାରେ ମାଛଚାଷ ତାଲିମ

ନବରଙ୍ଗପୁର, ୧୩।୩(ବି.ପ୍ର.)

ବୈଜ୍ଞାନିକ ପଦ୍ଧତିରେ ମାଛଚାଷ କଲେ ଅଧିକରୁ ଅଧିକ ଲାଭ ହୋଇପାରିବ ବୋଲି କେନ୍ଦ୍ରୀୟ ମଧୁର ଜଳ ଜୀବ ପାଳନ ଅନୁସନ୍ଧାନ ସଂସ୍ଥାନ ଭୁବନେଶ୍ୱରର ବୈଜ୍ଞାନିକମାନେ ପରାମର୍ଶ ଦେଇଛନ୍ତି। ସୋମବାର ଭୁବନେଶ୍ୱରସ୍ଥିତ ସିଫାଠାରେ ଅନୁଷ୍ଠିତ ଡିବିଟି କିଶାନ୍ ସହାୟତାରେ ମାଛଚାଷ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବୈଜ୍ଞାନିକ ଡ. ଖୁଣ୍ଟିଆ ମୁର୍ମୁ ମାଛ ଯାଆଁଳା ଉତ୍ପାଦନ ମାଧ୍ୟମରେ ହେଉଥିବା ଲାଭ ଓ ବୈଜ୍ଞାନିକ ପୋଖରୀ ପରିଚାଳନା କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି। ଏଥିସହିତ ନର୍ସରୀ ପୋଖରୀରେ ମାଛ ଖାଦ୍ୟ ପରିଚାଳନା ଦ୍ୱାରା ହେଉଥିବା ଲାଭ ସମ୍ପର୍କରେ ସେ କହିଥିଲେ। ବୈଜ୍ଞାନିକ ଅବିନାଶ ରାସଲ ଯାଆଁଳା ଚୟନ ଓ ମାଟି ପାଣି ପରୀକ୍ଷାର ଗୁରୁତ୍ୱ ସମ୍ପର୍କରେ କହିଥିଲେ। ପ୍ରଧାନ ବୈଜ୍ଞାନିକ ଡକ୍ଟର ଦେବ୍ରତ ପଣ୍ଡା ବୈଜ୍ଞାନିକ ପଦ୍ଧତିରେ ଚିଙ୍ଗୁଡ଼ି ଚାଷରେ ଲାଭ ସମ୍ପର୍କରେ ବୁଝାଇଥିଲେ। ମାଛ ଖାଦ୍ୟ ପରିଚାଳନା ସମ୍ପର୍କରେ ସିଫାର ବରିଷ୍ଠ ବୈଜ୍ଞାନିକ ନଗେଶ ବାରିକ ତାଲିମ ପ୍ରଦାନ କରିଥିଲେ। ଡକ୍ଟର ଏସ୍. ଫେରୋସ ଖାନ ବୈଜ୍ଞାନିକ ପଦ୍ଧତିରେ ମାଗୁର, ସିଙ୍ଗି ଓ ଜଳଙ୍ଗ ମାଛଚାଷ ସମ୍ପର୍କରେ ବୁଝାଇଥିଲେ। ସିଫା ନିର୍ଦ୍ଦେଶକ ଡକ୍ଟର ପ୍ରମୋଦ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ନବରଙ୍ଗପୁର ଓ କୋରାପୁଟ ଜିଲାର ଉଦ୍ୟୋଗୀ ୧୨ ମାଛ ଚାଷୀ ଯୋଗ ଦେଇଥିଲେ। ପ୍ରଧାନ ବୈଜ୍ଞାନିକ ଡକ୍ଟର ଜିତେନ୍ଦ୍ର ସୁନ୍ଦରରାୟ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ବିଜ୍ଞାନ ସଞ୍ଚାରକ ଲକ୍ଷ୍ମୀ ନାରାୟଣ ବକ୍ସି ସହଯୋଗ କରିଥିଲେ।


ତାଲିମ ନେଉଥିବା ଉଦ୍ୟୋଗୀ ଓ ଚାଷୀମାନେ।

# ଦର୍ଶକଙ୍କ ମନ ମୋହିଲା ନାଟକ 'ପ୍ରତିବିମ୍ବ', 'ପୁଅ'

ଉମରକୋଟ, ୧୩।୩(ସ୍ୱ.ପ୍ର.)

ନବରଙ୍ଗପୁର ଜିଲାର ଅଗ୍ରଣୀ କଳା ଓ ସାଂସ୍କୃତିକ ପରିଷଦ ଭାରତୀ କଳାନିକେତନ ଉମରକୋଟର ସପ୍ତଦଶ ବାର୍ଷିକ ଉତ୍ସବ ଓ ପଞ୍ଚମ ତ୍ରିଦିବସୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏକ ମନୋରମ ସାହିତ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଥିରେ ଅଧ୍ୟାପକ ରମେଶ ଚନ୍ଦ୍ର ନାହାକଙ୍କ ଦୁଇଟି କବିତା ସଂକଳନ 'ଶ୍ରୀକ୍ଷେତ୍ର ଭଜନମାଳା' ଓ 'ଶତାବ୍ଦୀର ଆର୍ତ୍ତନାଦ' ଅଧ୍ୟାପିକା ମଧୁସ୍ମିତା ମହାରଣାଙ୍କ 'ସମ୍ପାଦିତ ଗ୍ରନ୍ଥ', ନାଟ୍ୟକାର ଗୋପାଳ ମହାରଣାଙ୍କ 'କଂସ ଓ ଅନ୍ୟାନ୍ୟ ନାଟକ' ଏବଂ ଅଧ୍ୟାପକ ଗୋପାଳ ମହାରଣାଙ୍କ କବିତା ସଂକଳନ 'ଟେନ୍‌ସନ' ଲୋକାର୍ପିତ ହୋଇଥିଲା । ସାହିତ୍ୟ ଏକାଡେମୀର ସଦସ୍ୟ ବଲ୍ଲଭ ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ଡ. ପରମେଶ୍ୱର ମୁଣ୍ଡ, ଡ. ରାଜେନ୍ଦ୍ର ପାଢ଼ୀ ବକ୍ତା ଭାବରେ ମଞ୍ଚାସୀନ ଥିଲେ। ଅଧ୍ୟାପକ ପରୀକ୍ଷିତ ସାହୁ, ପ୍ରଫୁଲ୍ଲ ରାଉତ, ରାଧାରାଣୀ ସରକାର ଲୋକାର୍ପିତ ପୁସ୍ତକର ସମୀକ୍ଷା କରିଥିଲେ। ସାଇମନ ବିଡ଼ିକା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅଧ୍ୟାପିକା ଏମ୍. ମଧୁଛନ୍ଦା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ୩୦ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ସ୍ୱାଗତିକା ସାହୁ ଓ ସ୍ୱାଗତିକା ବାହିନୀପତି ସଂଯୋଜିକା ଭାବେ ଦାୟିତ୍ୱ ସମ୍ପାଦନା କରିଥିଲେ।


ଅତିଥିମାନେ ନାଟ୍ୟକାର ଡ. ପରମେଶ୍ୱର ମୁଣ୍ଡଙ୍କୁ ପୁରସ୍କୃତ କରୁଛନ୍ତି।


ନାଟକ 'ପୁଅ'ର ଏକ ଦୃଶ୍ୟ।

### ଭାରତୀ କଳାନିକେତନର ସପ୍ତଦଶ ବାର୍ଷିକ ଉତ୍ସବ, ତ୍ରିଦିବସୀୟ ନାଟକ ମହୋତ୍ସବ

ସନ୍ଧ୍ୟାରେ ଆୟୋଜିତ ନାଟକ ଉତ୍ସବକୁ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଉଦ୍‌ଘାଟନ କରିଥିଲେ। ଉମରକୋଟ ପୌରାଧ୍ୟକ୍ଷା ରାଧା ଭତ୍ରା ସମ୍ମାନିତ ଅତିଥି, ଡ. ରାଜେନ୍ଦ୍ର ପାଢ଼ୀ ବକ୍ତାଭାବେ ମଞ୍ଚାସୀନ ଥିଲେ। ଅନୁଷ୍ଠାନ ସଭାପତି ଅଧ୍ୟାପିକା ମଧୁସ୍ମିତା ମହାରଣା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପ୍ରତିଷ୍ଠାତା ଓ ସମ୍ପାଦକ ଗୋପାଳ ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ସର୍ବୋଚ୍ଚ ସମ୍ମାନ 'ମାଆ ରାଧାଦେବୀ କଳାଶ୍ରୀ' ସମ୍ମାନ–୨୦୨୩ରେ ନାଟ୍ୟକାର ଡ. ପରମେଶ୍ୱର ମୁଣ୍ଡ, ନାଟ୍ୟକାର ଗୌରୀ ପ୍ରସାଦ ରଥ ଓ ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ଏମ୍. ମାଧବ ପାତ୍ର ଓ କବି ଅଧ୍ୟାପକ ରମେଶ ଚନ୍ଦ୍ର ନାହାକଙ୍କୁ ଏମ୍‌ପି ପ୍ରଦାନ କରିଥିଲେ। ପ୍ରଥମ ସନ୍ଧ୍ୟାରେ ନାଟକ 'ପ୍ରତିବିମ୍ବ' ଓ 'ପୁଅ' ଦର୍ଶକଙ୍କ ମନ ମୋହିଥିଲା। ପ୍ରତିବିମ୍ବରେ ସାଇ ଅନୁଷ୍କା ମହାରଣା, ସୁନୟନା ପଟ୍ଟନାୟକ, ପାୟଲ ଡାକୁଆ ଓ ରବୀନ୍ଦ୍ର ନାୟକ ପ୍ରମୁଖ ଅଭିନୟ କରିଥିଲେ। ସେହିଭଳି 'ପୁଅ'ରେ ଅଭିରାମ ଲେଙ୍କା, ହିମାଂଶୁ ଦାସ, ଦୀପଶିଖା ନାୟକ, କାଜଲ ବାଡ଼ତ୍ୟା ଓ ଶିଶୁ କଳାକାର ଭାବେ ସାଇ ଅନୁଷ୍କା ମହାରଣା ନିଖୁଣ ଅଭିନୟ କରିଥିଲେ। ସାମାଜିକ କଥାବସ୍ତୁ ଉପରେ ଆଧାରିତ ଦୁଇଟି ଯାକ ନାଟକ ଦର୍ଶକଙ୍କୁ ବିମୋହିତ କରିଥିଲା। ଉକ୍ତ ନାଟକରେ ନିର୍ଦ୍ଦେଶନା ଦାୟିତ୍ୱ ଅଧ୍ୟାପିକା ମଧୁସ୍ମିତା ମହାରଣା ଏବଂ ସଙ୍ଗୀତ ନିର୍ଦ୍ଦେଶନା ଏମ୍.ମାଧବ ପାତ୍ର ସମ୍ପାଦନ କରିଥିଲେ।

